## ରାସ୍ତା ନଥିବାରୁ ଯାଇ ପାରିଲାନି ଆମ୍ବୁଲାନ୍ସ

# ଅଟୋକୁ ୪ କିମି କାଦୁଅରେ ଠେଲିଲେ ଗ୍ରାମବାସୀ

ଫିରିଙ୍ଗିଆ, ୨୫।୬(ସମିସ)

କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକରେ ଥମିବାରେ ନା ଧରୁନି ଜନନୀ ଯନ୍ତ୍ରଣା। କେଉଁଠି ଗର୍ଭବତୀଙ୍କୁ ଦୋଳାରେ ବୁହା ହେଉଛି ତ କେଉଁଠି ଖଟିଆରେ କିଲୋମିଟର କିଲୋମିଟର ଦୂର ବୋହି ଆମ୍ବୁଲାନ୍ସକୁ ନେଉଥିବା ଦୃଶ୍ୟ ଦେଖିବାକୁ ମିଳିଛି। ରାସ୍ତା ନଥିବାରୁ ଫିରିଙ୍ଗିଆ ବ୍ଲକର ଅଧିକାଂଶ ଉପାନ୍ତ ଅଞ୍ଚଳ ହେଉ କି ଗ୍ରାମାଞ୍ଚଳ ମାନଙ୍କରେ ଗର୍ଭବତୀ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଭଳିଦୃଶ୍ୟ ବାରମ୍ବାର ଦେଖିବାକୁ ମିଳୁଥିବା ବେଳେ ଏଥି ପ୍ରତି ପ୍ରଶାସନ ଗୁରୁତ୍ୱ ଦେଉନଥିବାରୁ ନାହିଁ ନଥିବା ଅସୁବିଧା ର ସମ୍ମୁଖୀନ ହେଉଛନ୍ତି ଗର୍ଭବତୀ, ଅସହାୟ ଜନସାଧାରଣ। ଏଭଳି ପୁଣି ଏକ ଜନନୀ ଯନ୍ତ୍ରଣା ସହ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ଫିରିଙ୍ଗିଆ ବ୍ଲକ ପବିଙ୍ଗିଆ ପଞ୍ଚାୟତ ପାଣ୍ଡୁପଦର ଗାଁରେ।






ଏହି ଗାଁକୁ ରାସ୍ତା ନଥିବାରୁ ଲୋକେ ଯାତାୟତ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଜି ଏହି ପାଣ୍ଡୁପଦର ଗାଁର ତପୋବନ ମଲିକଙ୍କ ସ୍ତ୍ରୀ ତପସ୍ୱିନୀ କହଁରଙ୍କ ପ୍ରସବ ଯନ୍ତ୍ରଣା ହେବାରୁ ଫିରିଙ୍ଗିଆ ଡାକ୍ତରଖାନାକୁ ଯିବାକୁ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। କିନ୍ତୁ ରାସ୍ତା ନଥିବାରୁ ଏବଂ କାଦୁଅ ପଚପଚ ହୋଇଥିବାରୁ ଆମ୍ବୁଲାନ୍ସ ପାଣ୍ଡୁପଦର ଗାଁକୁ ଯାଇପାରିନଥିବା ବେଳେ ପ୍ରାୟ ୪ କିଲୋମିଟର ଦୂରରେ ଅଟକି ଯାଇଥିଲା। ଆମ୍ବୁଲାନ୍ସ ଯିବାରେ ବିଳମ୍ବ ହେବା ସହ ରାସ୍ତା ନଥିବାରୁ ପରିବାର ଏବଂ ଗାଁ ଲୋକେ ଏକ ଅଟୋକୁ ଡାକି ଗର୍ଭବତୀଙ୍କୁ ବସାଇ କାଦୁଅ ରାସ୍ତାରେ ଠେଲି ଠେଲି ୪ କିଲୋମିଟର ଦୂର ନେବା ବାଟରେ ମହିଳା ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ନିଜେ ଆଶା ଦିଦି ପୁଷ୍ପା ମଲିକ ବହୁ କଷ୍ଟରେ ଗ୍ରାମବାସୀଙ୍କ ସହଯୋଗରେ ଆମ୍ବୁଲାନ୍ସ ପାଖକୁ ନେଇଥିଲେ। ସେଠାରୁ ଆମ୍ବୁଲାନ୍ସ ଯୋଗେ ପ୍ରସୂତି ମହିଳାଙ୍କୁ ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଫିରିଙ୍ଗିଆ ବ୍ଲକରେ ଏଭଳି

### ଅଧା ବାଟରେ ପ୍ରସବ କଲେ ମହିଳା

ଜନନୀ ଯନ୍ତ୍ରଣା ଲାଗି ରହିଥିବା ବେଳେ ପାଣ୍ଡୁପଦର ଅଞ୍ଚଳ ବାସୀ ଦୀର୍ଘ ବର୍ଷ ହେବ ରାସ୍ତା ପାଇଁ ଦାବି କରିଥିଲେ ମଧ୍ୟ ନିର୍ମାଣ ହୋଇ ପାରିନଥିବାରୁ ଏଭଳି ଅବସ୍ଥା ହୋଇଥିବା ଗ୍ରାମବାସୀ କହିଛନ୍ତି। ମା' ଓ ଶିଶୁର ସୁସ୍ଥ୍ୟାବସ୍ଥା ଭଲ ଥିବା ଡାକ୍ତର ସୁମନ୍ତ କୁମାର ମାଝୀ କହିଛନ୍ତି।

## ୯୫ ଜଣ ଅପରାଧୀଙ୍କ ଘରେ ଲଟ୍‌କା ଜାରି

● ହାଜର ନହେଲେ ସମ୍ପତ୍ତି ବାଜ୍ୟାପ୍ତ

**ଛତ୍ରପୁର, ୨୫।୬(ସମିସ):** ଗଞ୍ଜାମ ପୁଲିସ ଜିଲ୍ଲାର ବିଭିନ୍ନ ଥାନା ଇଲାକାରେ ରହୁଥିବା ଫେରାର୍ ଦୁର୍ଦ୍ଦାନ୍ତ ଅପରାଧୀଙ୍କ ଘର ବାହାରେ ଲଟକା ଜାରି କରାଯାଇଛି। କୋର୍ଟଙ୍କ ନିର୍ଦ୍ଦେଶ ପରେ ମଧ୍ୟ ଅପରାଧୀମାନେ ହାଜର ହେଉ ନାହାନ୍ତି। ଏଣୁ ତାଙ୍କ ନାମରେ ୱାରେଣ୍ଟ ଜାରି ହୋଇଥିଲା। ଏହା ସତ୍ତ୍ୱେ ସେମାନେ କୋର୍ଟରେ ହାଜର ହୋଇ ନଥିଲେ। ଏଣୁ ସେମାନଙ୍କୁ ପଳାତକ ଘୋଷଣା କରାଯାଇ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଲଟ୍‌କା ପ୍ରକ୍ରିୟା ଜାରି ରହିଛି। ଏହି କ୍ରମରେ ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଚଳିତ ମାସ ୨୧ ତାରିଖରୁ ପୁଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଡ୍ରାଇଭ କରାଯାଉଛି। ଏଯାବତ ୨୧ ଥାନା ପକ୍ଷରୁ ୯୫ଜଣ ଅପରାଧୀଙ୍କ ଘର ବାହାରେ ଲଟକା ଜାରି କରାଯାଇଛି। ସେଥି ମଧ୍ୟରୁ ସର୍ବାଧିକ ଗାଙ୍ଗପୁର ଓ ପୋଲସରା ଥାନା ପକ୍ଷରୁ ୧୩ ଜଣ, ଭଞ୍ଜନଗର ଥାନା ଅଞ୍ଚଳରେ ୧୦ ଜଣ ଅପରାଧୀଙ୍କ ଘରେ ବାହାରେ ଲଟକା ଲଗାଯାଇଥିବା ବେଳେ ଜଗନ୍ନାଥପ୍ରସାଦ ଥାନା ଅଞ୍ଚଳରେ ୪ଜଣ, ବେଲଗୁଣ୍ଠା ଥାନା ଅଞ୍ଚଳରେ ୨ଜଣ, ତାରସିଂ ଥାନା ଅଞ୍ଚଳରେ ୭ଜଣ, ବୁଗୁଡ଼ା ଥାନା ଅଞ୍ଚଳରେ ୧୦ଜଣ, ଆସିକା ୨, କୋଟିନଡା ୩, ଶେରଗଡ଼ ୪, ବଡ଼ଗଡ଼ ୧, ପାଟପୁର ୨, ହିଞ୍ଜିଳି ୭, ପୁରୁଷୋତ୍ତମପୁର ୩, କବିସୂର୍ଯ୍ୟନଗର ୧, କୋଦଳା ୪, ବେଗୁନିଆପଡ଼ା ୧, ଛତ୍ରପୁର ଥାନା ଅଞ୍ଚଳରେ ୪ଜଣ, ଚମାଖଣ୍ଡି ୨, ରମ୍ଭା ଓ ଖଲ୍ଲିକୋଟ ଥାନା ଅଞ୍ଚଳର ଜଣେ ଲେଖାଏଁ ଅପରାଧୀଙ୍କ ଘର ବାହାରେ ଲଟକା ଜାରି କରଯାଇଛି ବୋଲି ଗଞ୍ଜାମ ଏସପି ସୂଚନା ଦେଇଛନ୍ତି। ଠିକ୍ ସମୟରେ ଅପରାଧୀମାନେ କୋର୍ଟରେ ହାଜର ନହେଲେ ସେମାନଙ୍କ ସମ୍ପତ୍ତି ବାଜ୍ୟାପ୍ତ କରାଯିବ ବୋଲି ନୋଟିସ୍ କରାଯାଇଛି। ଆଗକୁ ମଧ୍ୟ ଏଭଳି ପ୍ରକ୍ରିୟା ଜାରି ରହିବ ବୋଲି ଗଞ୍ଜାମ ଏସପି କହିଛନ୍ତି।

## ଦୁର୍ଘଟଣା ପରେ ଜଳିଗଲା ୨ କାର୍

● ଅଳ୍ପକେ ବର୍ତ୍ତିଲେ ୭ ଯାତ୍ରୀ



**ଛତ୍ରପୁର, ୨୫।୬(ସମିସ):** ଚମାଖଣ୍ଡି ଥାନା ନିକଟ ଜାତୀୟ ରାଜପଥ ଠାରେ ଅଚାନକ ଗାଡି ଆଗକୁ ଏକ ଗାଈ ଆସିଯିବାରୁ ତାକୁ ବଞ୍ଚାଯାଇବାକୁ ଯାଇ ତିନୋଟି କାର୍ ପଛକୁ ପଛ ଧକ୍କା ହୋଇଥିଲା। ଫଳରେ ୨ଟି କାର୍‌ରେ ନିଆଁ ଲାଗି ଯାଇଥିବା ବେଳେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ୭ ଜଣ।

ସୂଚନା ଥାଉକି, ଭୁବନେଶ୍ୱରରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଏକ କାର୍ (ଓଡି୦୨ସିଜି-୦୭ ୬୩) ଆଗକୁ ଏକ ଗାଈ ଆସି ଯାଇଥିଲା। ଫଳରେ ଗାଡ଼ି ଚାଳକ ଅଚାନକ ଗାଡ଼ିର ବ୍ରେକ୍ ମାରିଥିଲା। ଏହି ସମୟରେ ଉକ୍ତ କାର୍ ପଛରେ ଆସୁଥିବା ଅନ୍ୟ ଏକ କାର୍ ତାଙ୍କୁ ପଛରୁ ଧକ୍କା ଦେଇଥିଲା ଏବଂ ଦ୍ୱିତୀୟ କାର୍ ପଛରେ ଆଉ ଏକ କାର୍ ପିଟିହୋଇଥିଲା। ଫଳରେ ପ୍ରଥମ କାର୍‌କୁ ଛାଡିଦେଲେ ଅନ୍ୟ ଦୁଇଟି କାର୍‌ରେ ଅଚାନକ ନିଆଁ ଲାଗିଯାଇଥିଲା। ତୁରନ୍ତ ଦୁଇଟି କାରରେ ବସିଥିବା ଲୋକମାନେ ଓହ୍ଲାଇ ପଡ଼ିଥିଲେ। କିଛି ସମୟ ମଧ୍ୟରେ କାର୍ ଦୁଇଟି ହୁ ହୁ ହୋଇ ଜଳିଯାଇଥିଲା। ଖବର ପାଇଁ ଛତ୍ରପୁରରୁ ଦୁଇଟି ଦମକଳ ଗାଡ଼ି ଆସି ନିଆଁକୁ ଆୟତ୍ତ କରିଥିଲେ। କିନ୍ତୁ ଗାଡ଼ି ଦୁଇଟି ସମ୍ପୂର୍ଣ୍ଣ ନିଆଁ ଲାଗି ନଷ୍ଟ ହୋଇଯାଇଥିଲା। ୭ ଜଣ ବଡ ଦୁର୍ଘଟଣାରୁ ବର୍ତ୍ତି ଯାଇଥିବା ବେଳେ ୨ଜଣ ସମାନ୍ୟ ଆହତ ହୋଇଥିଲେ। ତାଙ୍କୁ ଛତ୍ରପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଦୁର୍ଘଟଣା ପରେ ରାସ୍ତାର ଦୁଇ ପାର୍ଶ୍ୱର୍ରେ ଗାଡି ସବୁ ଅଟକି ରହିଥିଲା। ଘଟଣାସ୍ଥଳରେ ଥାନା ଅଧିକାରୀ ସବ୍ୟସାଚି ମଲ୍ଲ ପହଞ୍ଚିବା ପରେ ଗାଡି ଚଳାଚଳ ସ୍ୱାଭାବିକ ହେବାସହ ଘଟଣାର ତଦନ୍ତ ଜାରି ରଖିଛନ୍ତି।

## ପୋଡ଼ିହୋଇ ଗୁରୁତର ମହିଳାଙ୍କ ମୃତ୍ୟୁ

**ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ, ୨୫।୬(ସମିସ):** ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ଥାନା ଅଧୀନ ବ୍ରାହ୍ମଣୀଗାଁ ଓଡ଼ିଆ ସାହିର ଜଣେ ମହିଳାଗତ ୨୩ ତାରିଖ ସନ୍ଧ୍ୟାରେ କୌଣସି କାରଣରୁ ଦେହରେ ନିଆଁ ଲାଗିଯିବାରୁ ଗୁରୁତର ହୋଇଥିଲେ। ସେ କଟକ ମେଡିକାଲରେ ଚିକିତ୍ସିତ ହେଉଥିବାବେଳେ ମଙ୍ଗଳବାର ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଲେ ବ୍ରାହ୍ମଣୀଗାଁ ସ୍ଥିତ ଅଜୟ ଡ଼ାକୁଆଙ୍କ ସ୍ତ୍ରୀ ପୂଜା କୁମାର (୨୦)। ପୂଜାଙ୍କ ମୃତ୍ୟୁ ସମୟରେ ସ୍ୱାମୀ ଅଜୟ ଡାକୁଆଙ୍କ ସହିତ ମୃତ ପୂଜାଙ୍କ ବାପା ମାଆ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ଜଣେ ମୃତ

**କୁକୁଡ଼ାଖଣ୍ଡି, ୨୫।୬(ସମିସ):** ତହସିଲ ଅଫିସ ସାମ୍ନାରେଘଟିଛି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି ଶେରଗଡ଼ ବ୍ଲକ ଅନ୍ତର୍ଗତ ଖଡ଼ଭାଗ ଗ୍ରାମର ଅଭିମନ୍ୟୁ ସାହୁଙ୍କ ପୁଅ ଗୌରାଙ୍ଗ ସାହୁ (୨୭)। ସେ ବ୍ରହ୍ମପୁରରୁ ନିଜ ଗ୍ରାମକୁ ବାଇକ୍ ଯୋଗେ ଯିବାବେଳେ କୁକୁଡ଼ାଖଣ୍ଡି ତହସିଲ ଅଫିସ ସାମ୍ନାରେ ଗୋଟିଏ ଅଟୋକୁ ଓଭରଟେକ୍ କରିବାରୁ ଭାରସାମ୍ୟ ହରାଇ ଟ୍ରକ ତଳେ ଚାପି ହୋଇଯାଇଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ପୁଲିସ୍ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ, ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲ ପଠାଇ ଟ୍ରକ୍‌କୁ ଅଟକ ରଖିଛି।

## ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ଲଟ୍‌ରେ ନିର୍ମାଣାଧୀନ କୋଠା ସିଲ୍ କଲା ପ୍ରଶାସନ



**ପାରଳାଖେମୁଣ୍ଡି, ୨୫।୬ (ସମିସ):** ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହରର ଗ୍ରାମ୍ୟ ଉନ୍ନୟନ ବିଭାଗ ନିକଟରେ ଥିବା ମହିଳା ମହାବିଦ୍ୟାଳୟର ଏକ ପ୍ଲଟରେ ନିର୍ମାଣଧିନ କୋଠାକୁ ପ୍ରଶାସନ ସିଲ୍ କରିଛି। ଏନେଇ ମହିଳା ମହାବିଦ୍ୟାଳୟ ପକ୍ଷରୁ ପ୍ରଶାସନ ନିକଟରେ ଅଭିଯୋଗ କରାଯାଇଥିଲା। ଯାହାକୁ ନେଇ ପତ୍ର ସଂଖ୍ୟା-୨୬୪୨/୨୧।୫।୨୫ ଆଦେଶ ପ୍ରକାରେ ଆଜି କୋଠା ନିର୍ମାଣ କରୁଥିବା ଆଦିତ୍ୟ ପ୍ରସାଦ ସାହୁ ଓ ଅନୁସୂୟା ସାହୁଙ୍କୁ ନିର୍ମାଣଧିକ କୋଠାକୁ ଯିବାକୁ ବାରଣ କରାଯାଇଛି। ପ୍ରଶାସନ ପକ୍ଷରୁ ସିଲ୍ କରାଯାଇ ବିଜ୍ଞପ୍ତି ମରାଯିବା ସମୟରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ତହସିଲଦାର ନାରାୟଣ ବେହେରା, ପାରଳାଖେମୁଣ୍ଡି ରାଜସ୍ୱ ନିରୀକ୍ଷକଙ୍କ ସମେତ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ମହେନ୍ଦ୍ର ରଇତ, ଅଧାପିକା ଓ କର୍ମଚାରୀ, ବୁଦ୍ଧିଜୀବୀ ଭାରତଭୂଷଣ ମହାନ୍ତି ସମେତ କୋଠା ନିର୍ମାଣକାରୀ ଆଦିତ୍ୟ ପ୍ରସାଦ ସାହୁ ଉପସ୍ଥିତ ଥିଲେ।

ପ୍ରକାଶ ଯେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ ସରକାରଙ୍କ ଅମଳରେ ପାରଳାଖେମୁଣ୍ଡି ମହିଳା ମହାବିଦ୍ୟାଳୟ ସ୍ଥାପନ ପାଇଁ ପ୍ରାୟ ୩ ଏକର ଜମି ଉଲ୍ଲିଖିତ ସ୍ଥାନରେ ଦିଆଯାଇଥିଲା। ୧୯୯୫ରେ ମହିଳା ମହାବିଦ୍ୟାଳୟର ସ୍ଥାପନ ପାଇଁ ସ୍ୱର୍ଗତ ବିଜୁ ପଟ୍ଟନାୟକ ଭିତ୍ତିପ୍ରସ୍ତର ସ୍ଥାପନ ମଧ୍ୟ କରିଥିଲେ। ଏହାପରେ ମହିଳା ମହାବିଦ୍ୟାଳୟ ଫ୍ରେଣ୍ଡସ୍ କଲୋନୀ ନିକଟରେ ସ୍ଥାପିତ ହୋଇଥିଲେ ମଧ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ନିକଟରେ ଥିବା ପ୍ଲଟ ଆଜି ପର୍ଯ୍ୟନ୍ତ ଉଲ୍ଲିଖିତ ବିଦ୍ୟାଳୟ ନାମରେ ରହିଛି। ବର୍ତ୍ତମାନ ତିନି ଏକର ଜମିରେ ଜବରଦଖଲକାରୀଙ୍କ ସଂଖ୍ୟା ବଢ଼ି ଚାଲିଛି। ଏହା ଏବେ ସଂକୁଚିତ ହେବାରେ ଲାଗିଛି। ଅବାଧ କବ୍‌ଜା ସହ ଲୋକେ ବିଭିନ୍ନ ଉପାୟ ଅବଲମ୍ବନ କରି ମହିଳା ମହାବିଦ୍ୟାଳୟର ଜାଗାକୁ ମାଡ଼ି ବସିଥିବା ଜଣାଯାଇଛି।

## ସରକାରୀ ଜମିରୁ ଜବଦରଖଲ ଉଚ୍ଛେଦ

**କୁକୁଡ଼ାଖଣ୍ଡି, ୨୫।୬(ସମିସ):** କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଲାଠୀ ଗ୍ରାମ ବାଳକ ପ୍ରାଥମିକ ବିଦ୍ୟାଳୟ ପାର୍ଶ୍ୱରେ ଥିବା ଏକ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ହୋଇଛି। ଏଠାରେ ପ୍ରାଥମିକ ବିଦ୍ୟାଳୟ ନିମନ୍ତେ ରୋଷେଇଶାଳା ଏବଂ ଇ-ଲାଇବ୍ରେରୀ ନିର୍ମାଣ ନିମନ୍ତେ ୨୦୨୪-୨୫ ଆର୍ଥିକ ବର୍ଷରେ ୭ଲକ୍ଷ ୫୦ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ହେଲେ ସରପଞ୍ଚଙ୍କ ପ୍ରରୋଚନାରେ ଗାଁର ଜଣେ ମୁଷ୍ଟିମେୟ ବ୍ୟକ୍ତି ଉକ୍ତ ସରକାରୀ ଜମିରେ ବେଆଇନ ଭାବେ ଦୋକାନ ନିର୍ମାଣ କରିଥିଲେ। ଗ୍ରାମବାସୀ ଏହାକୁ ବିରୋଧ କରି ସ୍ଥାନୀୟ ସରପଞ୍ଚ, ତହସିଲଦାରଙ୍କୁ ଅବଗତ କରିଥିଲେ। ହେଲେ କୌଣସି ସୁଫଳ ନ ମିଳିବାରୁ ଗତବର୍ଷ ସେପ୍ଟେମ୍ବର ମାସ ୨୪ ତାରିଖରେ ସ୍ଥାୟୀ ବିକାଶ ଲକ୍ଷ୍ୟ ଏନଜିଓ ସଭାପତି ରବୀନ୍ଦ୍ର କୁମାର ମିଶ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ କାର୍ଯ୍ୟାନୁଷ୍ଠାନ ନ ହେବାରୁ ପୁଣି ଡିସେମ୍ବର ୨୩ରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଗୁହାରି କରିଥିଲେ। ଏହାପରେ ତତ୍କାଳୀନ ତହସିଲଦାର ଜବରଦଖଲକାରୀଙ୍କୁ ୪ଥର ନୋଟିସ ଜାରି କରି ଦାୟିତ୍ୱ ସାରି ଦେଇଥିଲେ। ଇତିମଧ୍ୟରେ ତାଙ୍କ ବଦଳି ହୋଇ ନୂତନ ତହସିଲଦାର ଯୋଗଦେଇଥିଲେ। ଗ୍ରାମବାସୀ ପୁଣି ଏପ୍ରିଲ ୧୭ରେ ନୂତନ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଘଟଣା ସମ୍ପର୍କରେ ତହସିଲଦାର ଅବଗତ ହେବା ପରେ ଲାଠୀ ଆରଆଇଙ୍କୁ ଡାକି ପଚାରି ବୁଝିଥିଲେ। ପୁଣିଥରେ ଏସବିଏଲ୍ ଟିମ୍ ଚଳିତ ମାସ ୨୧ ତାରିଖରେ ତହସିଲଦାରଙ୍କୁ ସାକ୍ଷାତ କରି ଦାବି ଉପସ୍ଥାପନ ସହ ରାଜସ୍ୱ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ। ସେତେବେଳେ ତହସିଲଦାର ଚଳିତ ମାସ ୨୪ ତାରିଖରେ ଲାଠୀ ଗ୍ରାମର ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ମୁତାବକ ଗତକାଲି ଅର୍ଥାତ୍ ଜୁନ୍ ୨୪ ତାରିଖରେ କୁକୁଡ଼ାଖଣ୍ଡି ତହସିଲଦାର ରାଜକିଶୋର ପଟ୍ଟନାୟକ, ସ୍ଥାନୀୟ ଆରଆଇଙ୍କ ସମେତ ଏକ ପ୍ଲାଟୁନ ପୁଲିସ ଫୋର୍ସ ଉପସ୍ଥିତ ରହି ଉକ୍ତ ସରକାରୀ ଜମିରୁ ଜବରଦଖଲ କରିଥିଲେ।

## ଅସୁରକ୍ଷିତ ମହିଳା, ବଢୁଛି ନିର୍ଯାତନା

# ବିଭିନ୍ନ ସ୍ଥାନରେ ବିଜୁ ଯୁବ ଓ ଛାତ୍ର ଜନତା ଦଳର ବିକ୍ଷୋଭ













ଛତ୍ରପୁର, ୨୫।୬(ସମିସ)




ରାଜ୍ୟ ବା ଗଞ୍ଜାମ ଜିଲ୍ଲାରେ ହୁ ହୁ ହୋଇ ବଢ଼ିଚାଲିଥିବା ମହିଳା ନିର୍ଯାତନା ଓ ନାରୀ ଦୁଷ୍କର୍ମ ବିରୁଦ୍ଧରେ ବୁଧବାର ଛତ୍ରପୁର ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏନେଇ ଛତ୍ରପୁର ବିଜ୍ଞାନ ମହାବିଦ୍ୟାଳୟର ଯୁକ୍ତ୨ ଓ ଯୁକ୍ତ୩ ଛାତ୍ରଛାତ୍ରୀମାନେ ଶ୍ରେଣୀ ବର୍ଜନ କରି 'ନାରୀ ନିର୍ଯାତନା ବନ୍ଦ ହେଉ ଆମର ଦାବି' ନାରା ଦେଇ ସରକାରଙ୍କ ବିରୁଦ୍ଧରେ ପ୍ରତିବାଦ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୁବ ବିଜେଡି ଛତ୍ରପୁର ବ୍ଲକ ଉପସଭାପତି କାହ୍ନୁ ଚରଣ ବେହେରା, ଯୁବ ବିଜେଡି ଗଞ୍ଜାମ ସଭାପତି ସୁଧୀର କୁମାର ପାଢ଼ୀ, ମାଙ୍ଗେଲେଶ୍ୱର ରାଓ, ବିଭୂତି ପଲେଇ ଓ ସୁରେଶ କୁମାର ବେହେରାଙ୍କ ସମେତ ବହୁ ବିଦ୍ୟାର୍ଥୀ ଓ ବିଜୁ ଯୁବ ଓ ଛାତ୍ର ଜନତା ଦଳର କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

**ବେଲଗୁଣ୍ଠା:** ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ ଗୋବରା ପ୍ରଫୁଲ୍ଲ କୁମାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମ୍ମୁଖରେ ସୋରଡା ନିର୍ବାଚନ ମଣ୍ଡଳୀ ଯୁବ ଛାତ୍ର ବିଜେଡ଼ି ତରଫରୁ ଏକ ପ୍ରତିବାଦ ସେବା ଅନୁଷ୍ଠିତ ହୋଇଯାଇଛି ଓ ସୋରଡା ନିର୍ବାଚନ ମଣ୍ଡଳୀ ଯୁବ ବିଜେଡ଼ି ସଭାପତି ତଥା ବେଣୀପଲ୍ଲୀ ସରପଞ୍ଚ ଦୂର୍ଗା ମାଧବ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ମୁଖ୍ୟ ଅତିଥି ରୂପେ ପୂର୍ବତନ ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଯୋଗ ଦେଇ ଡବଲ୍ ଇଞ୍ଜିନ ସରକାରଙ୍କ ଓଡ଼ିଶା ପ୍ରତି ଥିବା ବୈମାତୃକ ମନୋଭାବକୁ ନିନ୍ଦା କରିଥିଲେ। ସେହିପରି ବେଲଗୁଣ୍ଠା ବ୍ଲକ ଅଧକ୍ଷା ମମତା ଭୋଳ ଯୋଗ ଦେଇ ବିଜେପି ସରକାର ଅମଳରେ ମାଆ ମାନଙ୍କ ସୁରକ୍ଷା ତଥା ସ୍ୱାଧୀନତା ବ୍ୟାହତ ହୋଇଥିବା ନେଇ ଦୁଃଖ ପ୍ରକାଶ କରିଥିଲେ ଓ ବ୍ଲକ ଯୁବ ବିଜେଡ଼ି ସଭାପତି ଶିବରାମ ରାଉତ, ସୋରଡ଼ା ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ତଥା ବେଣୀପୋଲି ସରପଞ୍ଚ ଦୂର୍ଗା ମାଧବ ନାୟକ, ଅନ୍ୟତମ ଅତିଥି ରୂପେ ବରିଷ୍ଠ ବିଜେଡ଼ି ନେତା ଭଗବାନ ପଣ୍ଡା, ସନ୍ତୋଷ ପଣ୍ଡା, ବଡ଼ ବୋର୍ସିଂ ସରପଞ୍ଚ ତଥା ବ୍ଲକ ବିଜେଡି ସଭାପତି ଏସ୍ ରାମେଶ୍ୱର ପାତ୍ର, ଗୋବରା ସମିତିସଭ୍ୟ ବିଭୂପାଦ ଜେନା, ଜିଲ୍ଲା ପରିଷଦ ସଭ୍ୟା ପୂର୍ଣ୍ଣବାସୀ ନାୟକ, ବେଣୀପଲ୍ଲୀ ସମିତିସଭ୍ୟା ମମତା ମହାନ୍ତି, ଶାସନ ସମିତିସଭ୍ୟା ପିନାକୀନୀ ବିଷୋୟୀ, ପୂର୍ବତନ ଗାଙ୍ଗପୁର ସମିତିସଭ୍ୟ ତୁଷାର ବିଷୋୟୀ, ପୂର୍ବତନ ସରପଞ୍ଚ ଚନ୍ଦ୍ର ଶେଖର୍ ନାୟକ, ସୀମାଞ୍ଚଳ ବିଷୋୟୀ ଜୟରାମ ନାୟକ, ଗୁରୁନାଥ ମହାନ୍ତି, ସରପଞ୍ଚ ପ୍ରତିନିଧି ପଞ୍ଚାନନ ସାମଲ, ରାଜ୍ୟ ଛାତ୍ର ବିଜେଡ଼ି ସହ ସମ୍ପାଦକ ଜ୍ୟୋତି ନାୟକଙ୍କ ସମେତ ବେଲଗୁଣ୍ଠା ଏବଂ ସୋରଡା ବ୍ଲକ ଓ ଏନଏସିର ପ୍ରାୟ ଦୁଇ ଶହରୁ ଊର୍ଦ୍ଧ୍ୱ ବିଜେଡ଼ି କର୍ମୀ ଉପସ୍ଥିତ ରହିଥିଲେ।

**ଧରାକୋଟ:** ସ୍ଥାନୀୟ ସରକାରି ସ୍ନାତକ ମହାବିଦ୍ୟାଳୟ ଆଗରେ ଶାନ୍ତିପୂର୍ଣ୍ଣ ଗଣ ଧାରଣା ଦିଆଯାଇଛି। ବ୍ଲକ ବିଜେଡି ସଭାପତି ସଞ୍ଜୟ ପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧକ୍ଷା ଅଞ୍ଜଳି ସ୍ୱାଇଁ, ବ୍ଲକ ଅଧକ୍ଷା ସୁଲକ୍ଷଣା ଗୀତାଞ୍ଜଳି ଦେବୀ, ଉପାଧକ୍ଷ ମନୋଜ ସାହୁ, ସରପଞ୍ଚ ଯୋଗେନ୍ଦ୍ର ସ୍ୱାଇଁ, ପୁନିଆ ଦାସ, ଦିଲିପ ଜେନା, ପ୍ରମୋଦ କୁମାର ମହାରଣା, ଲିଟୁ ଭୂୟାଁ, ମାନସ ରଞ୍ଜନ ଜେନା, ଗଣେଶ ପାତ୍ର, ଗିରିଜା ଦାସଙ୍କ ସମେତ ଶତାଧିକ ବିଜେଡି କର୍ମୀ ସାମିଲ ହୋଇଥିଲେ।

**କବିସୂର୍ଯ୍ୟନଗର:** କବିସୂର୍ଯ୍ୟ ବଳଦେବ ବିଜ୍ଞାନ ମହାବିଦ୍ୟାଳୟ ଠାରେ ଯୁବ ଛାତ୍ର ବିଜେଡ଼ି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଯୁବତୀମାନଙ୍କ ଉପରେ ଅସଦାଚରଣ, ଦୁଷ୍କର୍ମ ଓ ହତ୍ୟା ଘଟଣା ଅହେତୁକ ଭାବେ ବୃଦ୍ଧି ପାଉଥିବା ଅଭିଯୋଗ କରିଛି ବିଜେଡି। କଲେଜର ଶତାଧିକ ଛାତ୍ରଛାତ୍ରୀ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିରେ ଯୁବ ବିଜେଡ଼ି ରାଜ୍ୟ ସାଧାରଣ ସମ୍ପାଦକ ପ୍ରମୋଦ କୁମାର ପଣ୍ଡା, କବିସୂର୍ଯ୍ୟନଗର ନଗର ବିଜେଡି ସଭାପତି ଭଗବାନ ସ୍ୱାଇଁ, କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀର ଯୁବ ବିଜେଡ଼ି ଉପ ସଭାପତି ରସଲ୍ ଦାସ, ନଗର ଯୁବ ବିଜେଡି ସଭାପତି ରାଜେନ୍ଦ୍ର ଖଟେଇ, ବେଗୁନିଆପଡ଼ା ବିଜେଡି ବ୍ଲକ ସଭାପତି ସିମାଞ୍ଚଳ ସାମଲ, ପ୍ରାକ୍ତନ ଅଧକ୍ଷ ମନୋରଞ୍ଜନ ମହାପାତ୍ର, ଯୁବ ବିଜେଡ଼ି ସମ୍ପାଦକ ସୂର୍ଯ୍ୟ ନାରାୟଣ ନାୟକ, ବ୍ଲକ ଯୁବ ବିଜେଡ଼ି ସଭାପତି ବ୍ରଜ ସୁନ୍ଦର ମଲ୍ଲିକଙ୍କ ସମେତ ବହୁ ନେତା ସାମିଲ୍ ହୋଇ ବିଜେପି ସରକାର ଉପରେ ବର୍ଷିଛନ୍ତି। ଓଡ଼ିଶାର ବଳାତ୍କାରୀ, ଭ୍ରଷ୍ଟାଚାରୀ ସରକାର ଶୀଘ୍ର ହଟାଇବାକୁ ଆହ୍ୱାନ ଦେଇଥିଲେ ପ୍ରମୋଦ ପଣ୍ଡା।

**ଆସିକା:** ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳର ଯୁବ ଛାତ୍ରଙ୍କ ତରଫରୁ ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁଙ୍କ ନେତୃତ୍ୱରେ ରାଜ୍ୟ ବିଜୁ ଛାତ୍ର ଜନତା ଦଳର ସାଧାରଣ ସମ୍ପାଦକ ତଥା ଜିଲ୍ଲା ପରିଷଦ ସଭ୍ୟ ମନୋଜ ଦୋରା ଉପସ୍ଥିତ ରହି କେନ୍ଦ୍ର ଓ ରାଜ୍ୟ ସରକାର ଙ୍କ ବିରୁଦ୍ଧରେ ନାରାବାଜି ଦେଇଥିଲେ। ବିକ୍ଷୋଭ ପଦର୍ଶନରେ ନୀଳାଞ୍ଚଳ ମଣ୍ଡଳ, ବିମଳ ପ୍ରଧାନ, ପ୍ରତାପ ପ୍ରଧାନ, ନିଗମ ନନ୍ଦ ରାଉତ, ଜିତେନ୍ଦ୍ର ମହାରଣା, ଶ୍ୱେତ ବସନ୍ତ ଲେଙ୍କା, ଟୁକୁନା ନାହାକ, କାହ୍ନୁଚରଣ ଦଳେଇ, ସନ୍ତୋଷ ନାହାକ, କେଶବ ଦାସ, ଆକାଶ ସ୍ୱାଇଁଙ୍କ ସମେତ ବହୁ ଯୁବ ଛାତ୍ର ଉପସ୍ଥିତ ଥିଲେ।

ତୃତୀୟ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



୰ଦୋଳଗୋବିନ୍ଦ ତ୍ରିପାଠୀ
ରତାଦିଆ ଖଣ୍ଡସାହି (ବନ୍ଧପଡ଼ା), କେନ୍ଦ୍ରାପଡ଼ା
ଆବିର୍ଭାବ: ତା୨୨.୦୩.୧୯୪୦
ତିରୋଧାନ: ତା ୨୯.୦୬.୨୦୨୨
ପିତା ଧର୍ମ ପିତା ସର୍ଗଃ ପିତା ହିଁ ପରମଂ ତପ
ପିତରି ପ୍ରୀତିମାପନ୍ନେ ପ୍ରୀୟନ୍ତେ ସର୍ବଦେବତାଃ

ଚାହୁଁ ଚାହୁଁ ତିନିବର୍ଷ ବିତିଗଲା। ପରିବାର ଓ ବନ୍ଧୁବାନ୍ଧବଙ୍କ ମାଗିବା ଆଗରୁ ସମସ୍ତଙ୍କର ଆବଶ୍ୟକତା ପୂରଣ କରୁଥିବା ମହନୀୟ ଗୁଣଟି ଏବେ ଆମ ମନକୁ ଆନ୍ଦୋଳିତ କରୁଛି। ଆଜି ଏହି ନେତ୍ରୋତ୍ସବ ଦିନରେ ସମସ୍ତଙ୍କ ଲୁହଭିଜା ନେତ୍ର ସବୁବେଳେ ଆପଣଙ୍କୁ ଦେଖିଲା ଭଳି ଲାଗୁଛି। ଆଜି ତୃତୀୟ ଶ୍ରାଦ୍ଧ ଦିବସରେ ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ଆମେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ଅର୍ଜି କରୁଛୁ।

ଶୋକସନ୍ତପ୍ତ :
ପୁଅବୋହୂ, ଝିଅଜ୍ୱାଇଁ, ନାତିନାତୁଣୀ, ବନ୍ଧୁ ଓ ପରିବାରବର୍ଗ

● ଗୋପାଳପୁର ବେଳାଭୂମିରେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ମାମଲା

## ଅଭିଯୁକ୍ତଙ୍କ ଗାଁରେ କ୍ରାଇମବ୍ରାଞ୍ଚ ଟିମ୍

ବ୍ରହ୍ମପୁର,୨୫।୬(ସମିସ): ଗତ ୧୫ତାରିଖରେ ଗୋପାଳପୁର ବେଳାଭୂମିରେ ଜଣେ ଛାତ୍ରୀଙ୍କୁ ହୋଇଥିବା ଗଣଦୁଷ୍କର୍ମ ମାମଲାରେ କ୍ରାଇମବ୍ରାଞ୍ଚ ଟିମ ୬ ଅଭିଯୁକ୍ତଙ୍କୁ ଦୁଇ ଦିନିଆ ରିମାଣ୍ଡରେ ନେଇ ଜେରା କରୁଛି। କ୍ରାଇମବ୍ରାଞ୍ଚ ଆଇଜି ଏସ. ସାଇନି ଓ ତାଙ୍କ ଟିମ ଗୋପାଳପୁର ଥାନାରେ ପୁରୁଷୋତ୍ତମପୁର ଅଂଚଳର ପ୍ରମୋଦ ନାୟକ, ବେଲଗାଁ ଥାନା ଅନ୍ତର୍ଗତ ପାଟପୁର ଗାଁର କୁନାଲ ପ୍ରଧାନ, ହିଞ୍ଜିଳି ଥାନା ଅନ୍ତର୍ଗତ ବୁରୁପଡା ଗ୍ରାମର ବାବୁରାମ ଦଳାଇ, ଲକ୍ଷ୍ମଣ ପ୍ରଧାନ, ସିକିରି ଗ୍ରାମର ଓମ୍ ପ୍ରଧାନ, ଦୀପକ ତରାଇ ଆଦି ୬ଅଭିଯୁକ୍ତଙ୍କୁ ପୃଥକ ପୃଥକ ଭାବେ ପ୍ରତ୍ୟେକଙ୍କୁ ପ୍ରାୟ ଏକ ଘଣ୍ଟା ଲେଖାଏଁ ଜେରା କରିଥିଲେ। ଅଧିକ ତଥ୍ୟ ହାସଲ କରିବା ପାଇଁ କ୍ରାଇମବ୍ରାଞ୍ଚ ଟିମ ସମ୍ପୃକ୍ତ ଜଣେ ଅଭିଯୁକ୍ତର ଗ୍ରାମକୁ ଯାଇ ତଦନ୍ତ କରି ଫେରିଥିବା ଜଣାପଡିଛି। ଦିନତମାମ କ୍ରାଇମବ୍ରାଞ୍ଚ ଅଧିକାରୀମାନେ ଗୋପାଳପୁର ଥାନାରେ ଅଭିଯୁକ୍ତଙ୍କୁ ଜେରା କରିଛନ୍ତି।

## ତୁହାକୁ ତୁହା ବର୍ଷା; ବେହାଲ ରେଶମ ସହର



ବ୍ରହ୍ମପୁର,୨୫।୬(ସମିସ): ବୁଧବାର ଅପରାହ୍ନରେ ବ୍ରହ୍ମପୁର ସହରରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଛି। ତୁହାକୁ ତୁହା ବର୍ଷାରେ ସହରର ଅନେକ ସ୍ଥାନରେ ପାଣି ଜମିଛି। ମୁଖ୍ୟ ସଡ଼କ ସମେତ ବିଭିନ୍ନ ସାହି ଓ ଗଳିକନ୍ଦିରେ ପାଣି ଜମିଛି। ସୂଚନା ପ୍ରକାରେ ସହରର ଗାନ୍ଧୀନଗର, ଗଜପତିନଗର, ଉମା ନଗର, ପ୍ରେମ ନଗର, ଧର୍ମ ନଗର, ପୁରୁଣା ବ୍ରହ୍ମପୁର ଆଦି ବିଭିନ୍ନ ଇଲାକାରେ ବର୍ଷା ସମୟରେ ଆଣ୍ଠୁଏ ପାଣି ଚାଲିଥିଲା। ଅନେକ ସ୍ଥାନରେ ଜଳମଗ୍ନ ହୋଇ ରାସ୍ତା ଉପରେ ବର୍ଷାଜଳ ଢେଉ ମାରୁଥିବା ଦେଖିବାକୁ ମିଳିଛି। ଖାଲୁଆ ଅଞ୍ଚଳରେ କିଛି ସମୟ ବର୍ଷାଜଳ ଜମି ରହିଥିବାରୁ ଲୋକଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥିଲା। ବର୍ଷାଜଳ ନିଷ୍କାସନରେ ସମସ୍ୟା ଯୋଗୁ ଅନେକ ସ୍ଥାନ ଜଳମଗ୍ନ ହୋଇଥିଲା।

### ଗୋଚାଲାଣ ନାମରେ ଦୁଇ ଦଳିତଙ୍କୁ ନିର୍ଯାତନା ଘଟଣା

# ପୀଡ଼ିତଙ୍କୁ ଭେଟିଲେ ପିସିସି ତଥ୍ୟ ଅନୁସନ୍ଧାନକାରୀ ଟିମ୍

ବ୍ରହ୍ମପୁର,୨୫।୬(ସମିସ)



● ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଭେଟି ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି

● ଉଭୟ ପୀଡ଼ିତଙ୍କୁ ୧କୋଟି ଲେଖାଏଁ ରାଜ୍ୟ ସରକାର ଜରିମାନା ଦେବାକୁ ଦାବି

ଗଞ୍ଜାମ ଜିଲ୍ଲାକୁ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଦୁଇଜଣ ଦଳିତଙ୍କୁ ଧରାକୋଟ ବ୍ଲକରେ ଦିଆଯାଇଥିବା ଅକଥନୀୟ ନିର୍ଯାତନା ଘଟଣାରେ ଉଦ୍‌ବେଗ ପ୍ରକାଶ କରିଛି ପ୍ରଦେଶ କଂଗ୍ରେସ କମିଟି। ବିଧାନସଭାର କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ନେତୃତ୍ୱରେ ଏକ ଟିମ କଂଗ୍ରେସ ବିଧାୟକ ରମେଶ ଚନ୍ଦ୍ର ଜେନାଙ୍କ ସହିତ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ସେହିଭଳି ଉଭୟ ପୀଡିତଙ୍କୁ ଭେଟ ସମବେଦନା ଜ୍ଞାପନ କରିଛନ୍ତି। ସେପଟେ ଏହି ଘଟଣାକୁ ନେଇ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ କଂଗ୍ରେସ ଅନୁସୂଚିତ ସେଲ୍‌ର ଅଧ୍ୟକ୍ଷ ମାନସ ମଲ୍ଲିକଙ୍କ ନେତୃତ୍ୱରେ ଏକ ୪ଜଣିଆ ତଥ୍ୟ ଅନୁସନ୍ଧାନକାରୀ କମିଟି ଗଠନ କରି ଘଟଣାସ୍ଥଳକୁ ପଠାଇଛନ୍ତି। ଟିମରେ ଆଇନଜୀବୀ ଭୋକାଲି ସେଠୀ, ଜୟନ୍ତ ଭୋଇ ଓ ଆଇନଜୀବୀ ରାଜ କିଶୋର ନାୟକ ସାମିଲ ଅଛନ୍ତି। ଏହି ଟିମ୍ ଦୁଇଦିନିଆ ଗଞ୍ଜାମ ଗସ୍ତ କରି ଧରାକୋଟ ବ୍ଲକର ସିଙ୍ଗିପୁର ଗ୍ରାମକୁ ଯାଇ ଉଭୟ ପୀଡ଼ିତ ବାବୁଲା ନାୟକ ଓ ବୁଲୁ ନାୟକ ଓ ତାଙ୍କ ପରିବାର ସଦସ୍ୟଙ୍କୁ ଭେଟି ଘଟଣା ସମ୍ପର୍କିତ ତଥ୍ୟ ସଂଗ୍ରହ କରିଥିଲେ। ଘଟଣାକୁ ତୀବ୍ର ନିନ୍ଦା କରାଯିବା ସହ ଉଭୟଙ୍କୁ ଟିମ ପକ୍ଷରୁ ସମବେଦନା ଜ୍ଞାପନ କରାଯାଇଥିଲା। ସେଠାରୁ ଆସିକା ଯାଇ ଅତିରିକ୍ତ ଏସପି, ଏସଡିପିଓ ଏବଂ ତଦନ୍ତକାରୀ ଅଧିକାରୀ ତଥା ଇନ୍ସପେକ୍ଟରଙ୍କୁ ଭେଟି ତଦନ୍ତ ସମ୍ପର୍କରେ ଆଲୋଚନା କରିଥିଲେ। ଘଟଣାରେ ବର୍ତ୍ତମାନ ସୁଦ୍ଧା ଯଦିଓ ପୁଲିସ ୯ଜଣଙ୍କୁ ଗିରଫ କରିସାରିଛି ତେବେ ଏଥିରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୨୦ରୁ ଉର୍ଦ୍ଧ୍ୱ ଲୋକଙ୍କର ସମ୍ପୃକ୍ତି ଥିବା କମିଟି ଅଭିଯୋଗ କରିଛି। ଏହି ଟିମ ବୁଧବାର ଛତ୍ରପୁର ଯାଇ ଗଞ୍ଜାମ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଭେଟି ବିସ୍ତୃତ ଆଲୋଚନା କରିଥିଲେ। ୨ମାସ ମଧ୍ୟରେ ଘଟଣାକୁ ନେଇ କୋର୍ଟରେ ଚାର୍ଜସିଟ ଦାଖଲ କରାଯିବ ଓ ୩ରୁ୪ମାସ ମଧ୍ୟରେ କିଭଳି ବିଚାରଣା ଶେଷ ହେବ ସେନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଥିବା ଉଭୟ ଏସ୍‌ପି ଓ ଜିଲ୍ଲାପାଳ ଟିମ୍‌କୁ ପ୍ରତିଶ୍ରୁତି ଦେଇଥିବା ଟିମ ପକ୍ଷରୁ ବ୍ରହ୍ମପୁର ଠାରେ କଂଗ୍ରେସ ଭବନରେ ଆୟୋଜିତ ସମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। କ୍ଷମତାକୁ ଆସିବା ପରେ ଆଇନକୁ ହାତକୁ ନେବାକୁ ବିଜେପି କର୍ମୀମାନେ ପଛାଉ ନାହାନ୍ତି। ଗୋରକ୍ଷା ଆଳରେ ସେମାନେ ଆଇନକୁ ହାତକୁ ନେଇ ସେମାନେ କେବଳ ନିଜର ସ୍ଥିତି ଜାହିର କରିବାକୁ ଚାହୁଁଛନ୍ତି। ଏହି ଘଟଣା ଗୋଚାଲାଣକୁ ନେଇ ନୁହେଁ ବରଂ ୩୦ହଜାର ଟଙ୍କା ଦାଦାବଟି ମାଗିବାକୁ ନେଇ ଏଭଳି ଘଟଣା ଘଟିଥିବା ଟିମ ସଦସ୍ୟମାନେ ସିଧାସଳଖ ଅଭିଯୋଗ କରିଛନ୍ତି। ନବ ବିବାହିତ ଝିଅକୁ ଉପହାର ଦେବାକୁ ଯାଇ ଗୋରୁ କିଣି ଏଭଳି ହଟହଟା ହେବାକୁ ପଡିଛି କନ୍ୟାପିତାଙ୍କୁ। ଦୀର୍ଘ ଦେଢଘଣ୍ଟା ଧରି ଗାଁ ଦାଣ୍ଡରେ ସର୍ବସମ୍ମୁଖରେ ଏଭଳି ଅକଥନୀୟ ନିର୍ଯାତନା ଦିଆଯାଇଥିବା ବେଳେ ପୁଲିସର ଇଣ୍ଟେଲିଜେନ୍ସ ବା ଗୁଇନ୍ଦା ବିଫଳକୁ ଦାୟୀ କରିଛି ଟିମ। ସମାଜରେ ମନୁଷ୍ୟ କେବଳ ବଞ୍ଚିବା ନୁହେଁ ସମ୍ମାନର ସହିତ ବଞ୍ଚିବାର ଅଧିକାର ରହିଛି। ଏହି ଘଟଣାରେ ଉଭୟ ବାବୁଲା ଓ ବୁଲୁଙ୍କର ଅଧିକାର କ୍ଷୁର୍ଣ୍ଣ ହୋଇଥିବା ଅଭିଯୋଗ କରିଛି ପିସିସି ଅନୁସୂଚିତ ସେଲ କମିଟି। ଏଣୁ ଏହି ଘଟଣାରେ ଉଭୟ ପୀଡ଼ିତଙ୍କୁ ରାଜ୍ୟ ସରକାର ୧କୋଟି ଲେଖାଏଁ ଆର୍ଥିକ ଜରିମାନା ଦେବାକୁ ଦାବି କରିଛି ଟିମ୍। ନଚେତ ଆଗାମୀ ଦିନରେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବାକୁ ବାଧ୍ୟ ହେବ ବୋଲି କହିଛନ୍ତି ଟିମର ମୁଖ୍ୟ ତଥା ରାଜ୍ୟ କଂଗ୍ରେସର ଅନୁସୂଚିତ ସେଲ ଅଧ୍ୟକ୍ଷ ମାନସ ମଲ୍ଲିକ।

● ବିଭିନ୍ନ ଶିକ୍ଷାନୁଷ୍ଠାନ ସମ୍ମୁଖରେ ଛାତ୍ର ବିଜେଡିର ବିକ୍ଷୋଭ

# ଅସୁରକ୍ଷିତ ଦୁହିତା; ଅଡୁଆରେ ଓଡ଼ିଆ ଅସ୍ମିତା




ବ୍ରହ୍ମପୁର,୨୫।୬(ସମିସ): ସମଗ୍ର ରାଜ୍ୟ ସମେତ ଗଞ୍ଜାମ ଜିଲ୍ଲାରେ ଦୁଷ୍କର୍ମ ଓ ଗଣଦୁଷ୍କର୍ମ ଭଳି ଘଟଣା ବୃଦ୍ଧି ପାଉଛି। ଗୋପାଳପୁରରେ ହୋଇଥିବା ଗଣଦୁଷ୍କର୍ମ ଘଟଣାରେ ସମଗ୍ର ବିଶ୍ୱରେ ଓଡ଼ିଶା ନିନ୍ଦିତ ହୋଇଛି। ରାଜ୍ୟରେ ବିଜେପି ସରକାର ଆସିବା ପରଠାରୁ ଏଭଳି ଘଟଣା ବୃଦ୍ଧି ପାଉଥିବା ବେଳେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇଥିବା ଛାତ୍ର ବିଜୁ ଜନତା ଦଳ ପକ୍ଷରୁ ଅଭିଯୋଗ ହୋଇଛି। ଏହିକ୍ରମରେ ରାଜ୍ୟ ଛାତ୍ର ବିଜୁ ଜନତା ଦଳର ଡ଼ାକରାକ୍ରମେ ଗଞ୍ଜାମ ଓ ବ୍ରହ୍ମପୁର ଶାଖା ପକ୍ଷରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଓ ସରକାରୀ ଆଇଟିଆଇ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। 'ରାଜ୍ୟରେ ଅସୁରକ୍ଷିତ ଦୁହିତା କୁଆଡ଼େ ଗଲା ଓଡ଼ିଆ ଅସ୍ମିତା' ବୋଲି ଛାତ୍ରନେତାମାନେ ପ୍ରଶ୍ନ କରିଛନ୍ତି। ରାଜ୍ୟରେ ନାରୀ ନିର୍ଯାତନ ବନ୍ଦ କରିବା ଦିଗରେ ସରକାର ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଦାବି କରାଯାଇଛି।

ବିକ୍ଷୋଭରେ ଜିଲ୍ଲା ବିଜେଡି ସଭାପତି ଡ଼ାକ୍ତର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ମେୟର ସଂଘମିତ୍ରା ଦଳେଇ, ଡ଼େପୁଟି ମେୟର ଇ. ବିବେକ ରେଡ୍ଡି, ଅର୍ବାନ ବ୍ୟାଙ୍କ ସଭାପତି ଆର ମୂରଲି ମୋହନ, ମହାନଗର ଛାତ୍ର ବିଜେଡି ସଭାପତି ଶୋଭନ ନାୟକ, ଜିଲ୍ଲା ଯୁବ ବିଜେଡି ସଭାପତି ଭବାନୀକାନ୍ତ ସାହୁ, ଛାତ୍ର ସଭାପତି ପ୍ରଶାନ୍ତ ପଣ୍ଡା, ଲାଞ୍ଜିଆ ସମିତି ସଭ୍ୟ କାହ୍ନୁ ପାତ୍ର, ରାଜ୍ୟ ଛାତ୍ର ସାଧାରଣ ସମ୍ପାଦକ ଅଜିତ ରାଉଳ, ଜିଲ୍ଲା ଉପସଭାପତି ରାଜ କୁମାର ନାୟକ, ଛତ୍ରପୁର ଯୁବ ବିଜେଡି ନେତା କାହ୍ନୁଚରଣ ବେହେରା, ମହେଶ ତ୍ରିପାଠୀ, କିରଣ କୁମାର ସାହୁ, ଶକ୍ତି ସାହୁ, ନିଖିଳ ଚୌଧୁରୀ, ରାଜେଶ ପଟ୍ଟନାୟକଙ୍କ ସମେତ ବହୁ ଛାତ୍ର ଓ ଯୁବ ନେତା ଉପସ୍ଥିତ ଥିଲେ।

# ରାଜ୍ୟ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘର ବିକ୍ଷୋଭ



ବ୍ରହ୍ମପୁର,୨୫।୬(ସମିସ): ସ୍ଥାନୀୟ ଟିପିଏସ୍‌ଓଡ଼ିଏଲ୍ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ରାଜ୍ୟ ବିଦ୍ୟୁତ ଶ୍ରମିକ କର୍ମଚାରୀ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଦ୍ୟୁତ୍ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ଦୀର୍ଘ ତିନି ବର୍ଷ ଧରି ଟାଟା କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରାଯାଉଥିବା ପରେ ମଧ୍ୟ କର୍ମଚାରୀଙ୍କ ସମସ୍ୟା ସମାଧାନ ହେଉନଥିବା ସଂଘ ଦାବି କରିଛି। ଟିପିଏସ୍‌ଓଡ଼ିଏଲ୍ ପକ୍ଷରୁ କର୍ମଚାରୀମାନଙ୍କୁ ଜୋର୍ ଜବରଦସ୍ତ ଧମକ ଚମକ ଦେଇ ୮ରୁ ୨୪ ଘଣ୍ଟା କାର୍ଯ୍ୟରେ ନିୟୋଜିତ କରାଯାଉଥିବା ସଂଘ ଅଭିଯୋଗ କରିଛି। ସେହିପରି ଅନ୍ୟାୟ ଭାବରେ ବଦଳି କରାଯିବା, ସର୍ଭିସ୍ କଣ୍ଡିସନ ଉଲ୍ଲଙ୍ଘନ, ସମାନ କାମକୁ ସମାନ ଦରମା ନଦେବା, ଅବସରପ୍ରାପ୍ତ ପୁଲିସ୍ ଅଫିସରଙ୍କୁ ଭିଜିଲାନ୍ସ ମାଧ୍ୟମରେ ବ୍ୟବହାର କରି କର୍ମଚାରୀମାନଙ୍କୁ ମାନସିକ ନିର୍ଯାତନା ସହିତ ଇନ୍‌କ୍ରିମେଣ୍ଟ ବନ୍ଦ କରିବା ଭଳି ବିଭିନ୍ନ ସମସ୍ୟା ନେଇ ସଂଘ ପକ୍ଷରୁ କାର୍ଯ୍ୟାକଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସେହିପରି ଖାଲିଥିବା ପଦବୀରେ କାର୍ଯ୍ୟ କରୁଥିବା ଲ୍ୟାଡ଼ର ମ୍ୟାନମାନଙ୍କୁ ତୁରନ୍ତ ସିନିୟରଟି ହିସାବରେ ସ୍ଥାୟୀ ନିଯୁକ୍ତି ପାଇଁ ଦାବି କରାଯାଇଛି। ଆଗାମୀ ଦିନରେ ଯଦି ସେମାନଙ୍କ ଦାବି ପୂରଣ ନହୁଏ, ତେବେ ସାରା ରାଜ୍ୟରେ ବିଦ୍ୟୁତ୍ ଉପଭୋକ୍ତା ଓ ଶ୍ରମିକ ସଂଗଠନ ମିଳିତ ଭାବରେ ସାରା ରାଜ୍ୟରେ ଆନ୍ଦୋଳନ କରାଯିବ ବୋଲି ସଂଘର ସଭାପତି ପ୍ରଶାନ୍ତ କୁମାର ମହାପାତ୍ର ଓ ସାଧାରଣ ସମ୍ପାଦକ ଅକ୍ଷୟ କୁମାର ତ୍ରିପାଠୀ କହିଛନ୍ତି। ବିକ୍ଷୋଭରେ ଆଇନଜୀବୀ ପୀତବାସ ପଣ୍ଡା ଯୋଗଦେଇ ଶ୍ରମିକ ମାନଙ୍କର ସମସ୍ୟା ଓ ଗ୍ରାହକମାନଙ୍କୁ ମୁକ୍ତ ସେବା ପ୍ରଦାନ କରିବା ପାଇଁ ଟାଟା କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିବା ସହିତ ରାଜ୍ୟ ସରକାରଙ୍କ ଦୃଷ୍ଟିଗୋଚର କରିବା ପାଇଁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର କାର୍ଯ୍ୟକାରୀ ସଭାପତି ଦୀନବନ୍ଧୁ ମହାନ୍ତି, ଉପସଭାପତି ପ୍ରଫୁଲ୍ଲ ପଟ୍ଟନାୟକ, ନରେସ ତ୍ରିପାଠୀ, ଯୁଗ୍ମ ସମ୍ପାଦ ସୂର୍ଯ୍ୟ ନାରାୟଣ ବିଶୋଇ, ଦିଲ୍ଲୀପ କୁମାର ସାହୁ, ସଂଗଠନ ସମ୍ପାଦକ ପ୍ରତାପ ଛାଟୋଇଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## କଲେଜ ଛାତ୍ରୀଙ୍କୁ ଅସଦାଚରଣ ମାମଲା; ଯୁବକଙ୍କୁ ୩ବର୍ଷ ଜେଲ୍

ବ୍ରହ୍ମପୁର,୨୫।୬(ସମିସ): ଜନୈକା କଲେଜ ଛାତ୍ରୀଙ୍କୁ ଅସଦାଚରଣ ମାମଲାର ଶୁଣାଣି କରି ସ୍ୱତନ୍ତ୍ର ପୋକ୍‌ସୋ ବିଚାରପତି ପ୍ରଣତୀ ପଟ୍ଟନାୟକ ଅଭିଯୁକ୍ତଙ୍କୁ ୩ ବର୍ଷ କାରା ଦଣ୍ଡାଦେଶ ଶୁଣାଇଛନ୍ତି। ଅଭିଯୁକ୍ତ ହେଲେ ଗୋପାଳପୁର ଥାନା ଅନ୍ତର୍ଗତ ସାନକୁଶସ୍ଥଳୀର ଏସ.ରାମୁଡୁ ରେଡୀ(୨୨)। କୋର୍ଟ ତାଙ୍କୁ ୩ବର୍ଷ ଜେଲ ଦଣ୍ଡ ସହ ୮ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ୫ମାସ ସଶ୍ରମ କାରାଦଣ୍ଡ ପାଇଁ ନିର୍ଦ୍ଦେଶ ରହିଛି। ସେହିପରି ପୀଡ଼ିତା ନାବାଳିକା ଛାତ୍ରୀଙ୍କୁ ୩ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ଏହି ମାମଲାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କ ସହଯୋଗୀ ଉକ୍ତ ଥାନା ଅନ୍ତର୍ଗତ ପଲ୍ଲୀ ଗୁମୁଲାର ସୁବ୍ରତ ମୁନୀ (୨୩)ଙ୍କୁ ପ୍ରମାଣ ଅଭାବରୁ ବିଚାରପତି ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ, ଗୋପାଳପୁର ଥାନା ଅଞ୍ଚଳରେ ଥିବା ଏକ କଲେଜରେ ଯୁକ୍ତଦୁଇ ଶେଷ ବର୍ଷର ଛାତ୍ରୀଙ୍କୁ ୨୦୨୨ ସେପ୍ଟେମ୍ବର ୨୯ରେ ରାମୁଡୁ ସମସ୍ତଙ୍କ ସମ୍ମୁଖରେ ଅସଦାଚରଣ କରିଥିଲେ। ଏଥିରେ ତାଙ୍କର ସାଙ୍ଗ ସୁବ୍ରତ ମୁନୀ ସହାୟତା କରିଥିଲେ। ଏନେଇ ଗୋପାଳପୁର ଥାନାରେ ଅଭିଯୋଗ ପରେ ପୁଲିସ ଏସ. ରାମୁଡୁ ରେଡୀ ଓ ସୁବ୍ରତ ମୁନୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପରେ ଅଭିଯୁକ୍ତ ଦ୍ୱୟ ଜାମିନରେ ବାହାରିଥିଲେ। ୫ଜଣ ସାକ୍ଷୀଙ୍କ ବୟାନ ଆଧାରରେ ଏହି ରାୟ ଶୁଣାଇଛନ୍ତି ବିଚାରପତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

### ଏମ୍‌ଏସିଟି ଓକିଲ ସଂଘର ନୂତନ କର୍ମକର୍ତ୍ତା ଚୟନ

## ନୟନ ସଭାପତି ଓ ନୀଳମାଧବ ସମ୍ପାଦକ



ବ୍ରହ୍ମପୁର,୨୫।୬(ସମିସ): ବ୍ରହ୍ମପୁର ସ୍ଥିତ ଦ୍ୱିତୀୟ ମୋଟର ଦୁର୍ଘଟଣା ଅଦାଲତ (ଏମଏସିଟି) ଓକିଲ ସଂଘର କର୍ମକର୍ତ୍ତା ୨୦୨୫-୨୬ବର୍ଷ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ବରିଷ୍ଠ ଆଇନଜୀବୀ ତଥା ଗଞ୍ଜାମ ଓକିଲ ସଂଘର ପୂର୍ବତନ ସଭାପତି ନୟନ ଚନ୍ଦ୍ର ମହାପାତ୍ର, ଉପ ସଭାପତି ଭାବେ ଜ୍ୟୋତି ପ୍ରସାଦ ଛୋଟରାୟ, ସମ୍ପାଦକ ଭାବେ ନୀଳମାଧବ ମହାପାତ୍ର ଓ ସହ ସମ୍ପାଦକ ଭାବେ ମୃତ୍ୟୁଞ୍ଜୟ ମହାରଣା ଚୟନ ହୋଇଛନ୍ତି। ଏଥି ସହିତ କୃଷ୍ଣଚନ୍ଦ୍ର ପଣ୍ଡା, ପ୍ରଦୀପ କୁମାର ପଟ୍ଟନାୟକ, ପ୍ରସାଦ ଦୋରା, ଡଃ ସୁବ୍ରତ କୁମାର ସାହୁ, ସରୋଜ କୁମାର ମଣ୍ଡଳ, ରାମକୃଷ୍ଣ ପାଣିଗ୍ରାହୀ, ସନ୍ତୋଷ କୁମାର ପାଢୀଙ୍କୁ ସଂଘର କାର୍ଯ୍ୟକାରୀ ସଦସ୍ୟ ଭାବେ ଗ୍ରହଣ କରାଯାଇଛି। ସେହିଭଳି ଅରୁଣ କୁମାର ଦାଶ, ରଂଜନ କୁମାର ନାୟକ, ରମେଶ ଚନ୍ଦ୍ର ପଣ୍ଡା, ପ୍ରତାପ ପାଣିଗ୍ରାହୀ ଓ କେ. ଦିଲ୍ଲିପ କୁମାରଙ୍କୁ ସଂଘର ଉପଦେଷ୍ଟା ଭାବେ ଚୟନ କରାଯାଇଥିବା ଜଣାପଡିଛି।

## ଗ୍ୟାରେଜରୁ ୫ଟି ବ୍ୟାଟେରି ଚୋରି

ବ୍ରହ୍ମପୁର,୨୫।୬(ସମିସ): ସ୍ଥାନୀୟ ଲାଞ୍ଜିପଲ୍ଲୀ ବାପୁଜୀନଗର ଛକଠାରେ ଥିବା ଏକ ଗ୍ୟାରେଜରୁ କାର୍‌ର ୫ଟି ବ୍ୟାଟେରି ଚୋରି ନେଇ ଥାନାରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ, ଗଜପତି ୩ୟ ଲାଇନ ନିବାସୀ ଆଶିଷ କୁମାର ପଣ୍ଡା ଗତ ୨୨ତାରିଖ ରାତିରେ ଉକ୍ତ ଗ୍ୟାରେଜରେ ନିଜର କାର୍‌କୁ ମରାମତି କରିବାକୁ ଦେଇଥିଲେ। ସେଠାରେ ୫ଟି ବ୍ୟାଟେରି ଚୋରି ହୋଇଥିବା ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି।

ଗୋପାଳପୁର, ବ୍ରହ୍ମପୁରରେ ଦୁଷ୍କର୍ମ ଓ ଧରାକୋଟରେ ଦଳିତଙ୍କୁ ନିର୍ଯାତନା ଘଟଣା

# ସରକାର ଓ ଶାସକ ଦଳକୁ ଦାୟୀ କଲେ ବାମପନ୍ଥୀ



ବ୍ରହ୍ମପୁର,୨୫।୬(ସମିସ): ଗୋପାଳପୁର ଗଣଦୁଷ୍କର୍ମ, ଧରାକୋଟରେ ଦଳିତଙ୍କୁ ବର୍ବରୋଚିତ ଆକ୍ରମଣ ଓ ବ୍ରହ୍ମପୁରରେ ଖୋଦ୍ ବିଜେପି ନେତାଙ୍କ ଦ୍ୱାରା ନାବାଳିକା ଦୁଷ୍କର୍ମ ଘଟଣା ନେଇ ବିଭିନ୍ନ ବାମପନ୍ଥୀ ଦଳ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ଏଥିପାଇଁ ସରକାର ଓ ଶାସକ ଦଳର ରାଜନୀତି ହିଁ ଦାୟୀ ବୋଲି ସିପିଆଇ, ସିପିଏମ, ସିପିଆଇ (ଏମ-ଏଲ) ନିୟୁ ଡ଼େମୋକ୍ରାସି ଓ ଆମ୍ ଆଦମୀ ପାର୍ଟି ପକ୍ଷରୁ ଅଭିଯୋଗ ହୋଇଛି। ପୂର୍ବାହ୍ନରେ ସହିଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ୍ ପରିସରରେ ଉପରୋକ୍ତ ବାପପନ୍ଥୀ ଦଳମାନଙ୍କ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ଧରାକୋଟ ବ୍ଲକର ଖାରିଗୁମ୍ମା ଓ ପରେ ଜାହାଡ଼ାଠାରେ ଗୋରକ୍ଷକ ନାଁରେ ଅସାମାଜିକ ଯୁବକମାନଙ୍କ ଏକ ଗ୍ୟାଙ୍ଗ ଦ୍ୱାରା ଦଳିତ ସମ୍ପ୍ରଦାୟର ଦୁଇଜଣ ଗରିବ ଲୋକଙ୍କୁ ଆକ୍ରମଣ ଘଟଣାକୁ ଏଠାରେ ନିନ୍ଦା କରାଯାଇଛି। ଗୋପାଳପୁରରେ ଗଣଦୁଷ୍କର୍ମ ପରେ ଏହି ଘଟଣା ରାଜ୍ୟବାସୀଙ୍କ ମୁଣ୍ଡକୁ ଲଜ୍ଜାରେ ନୁଆଁଇ ଦେଇଥିବା ବେଳେ ଜାତୀୟ ସ୍ତରରେ ଓଡ଼ିଶାର ସମ୍ମାନହାନୀ କରିଛି ବୋଲି ଏଠାରେ କୁହାଯାଇଛି।

ପୂର୍ବରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଆର୍‌ଏସ୍‌ଏସ୍ ସମର୍ଥିତ ବଜରଙ୍ଗ ଦଳ, ବିଶ୍ୱ ହିନ୍ଦୁ ପରିଷଦ ଓ ବିଜେପିର ସମର୍ଥକମାନଙ୍କ ଦ୍ୱାରା ଗୋସୁରକ୍ଷା ନାଁରେ ଛୋଟ ଛୋଟ ଗାଇଗୋରୁ ବ୍ୟବସାୟୀ କରୁଥିବା ଦଳିତ ସମ୍ପ୍ରଦାୟ ଓ ଚାଷୀଙ୍କ ଉପରେ ଆକ୍ରମଣ ଓ ବଳପୂର୍ବକ ଅର୍ଥ ଆଦାୟ କରୁଥିଲେ ମଧ୍ୟ ଧରାକୋଟର ଘଟଣା ସବୁକୁ ବଳିଯାଇଛି। ବିଶେଷ କରି ରାଜ୍ୟରେ ଆର୍‌ଏସ୍‌ଏସ୍ ସମର୍ଥିତ ବିଜେପି ସରକାର କ୍ଷମତାକୁ ଆସିବା ପରେ ତଥାକଥିତ ଗୋରକ୍ଷାକାରୀଙ୍କ ଦୌରାତ୍ମ୍ୟ ଓ ହିଂସା ବୃଦ୍ଧି ପାଇଥିବା ଏଠାରେ କୁହାଯାଇଛି। ରାଜ୍ୟରେ ଗୋରୁ କିଣାବିକା ଓ ପରିବହନ ସଂକ୍ରାନ୍ତରେ ସରକାର ଉପଯୁକ୍ତ ନିର୍ଦ୍ଦେଶାବଳୀ ଜାରି କରନ୍ତୁ ବୋଲି କୁହାଯାଇଛି। ଧରାକୋଟ ଘଟଣାରେ ଅପରାଧୀଙ୍କୁ ଗିରଫ କରି ସେମାନଙ୍କୁ କଠୋର ଦଣ୍ଡ ଦେବାର ବ୍ୟବସ୍ଥା କରାଯାଉ। ପୀଡ଼ିତ ଦୁଇ ଦଳିତ ବ୍ୟକ୍ତିଙ୍କୁ ଅନୁକମ୍ପାମୂଳକ ଆର୍ଥିକ ସହାୟତା ପ୍ରଦାନ କରାଯାଉ। ରାଜ୍ୟ ସରକାର କର୍ପୋରେଟଙ୍କ ସେବାରେ ବ୍ୟସ୍ତ ଥିବାବେଳେ ରାଜ୍ୟର ଆଇନଶୃଙ୍ଖଳା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଯାଇଛି। ବାରମ୍ବାର ଜଘନ୍ୟ ଅପରାଧ ସଂଗଠିତ ହେଉଛି। ଖୋଦ୍ ବିଜେପି ନେତାମାନେ ନାବାଳିକା ଦୁଷ୍କର୍ମରେ ସାମିଲ ହେବା ଶାସକ ଦଳର ମହିଳା ବିରୋଧି ଚରିତ୍ରକୁ ସାମନାକୁ ଆଣିଛି। ଏହି ଅବସରରେ ବାମପନ୍ଥୀ ଦଳଙ୍କ ପକ୍ଷରୁ ଆସନ୍ତା ଜୁଲାଇ ୧ତାରିଖରେ ଏହି ପ୍ରସଙ୍ଗରେ ଦକ୍ଷିଣାଂଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ଗଣଧାରଣା କରିବାକୁ ସ୍ଥିର ହୋଇଥିବା ଏଠାରେ କୁହାଯାଇଛି। ସାମ୍ବାଦିକ ସମ୍ମିଳନୀରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଜିଲ୍ଲା ସମ୍ପାଦକ ପ୍ରକାଶ ପାତ୍ର, ରାଜ୍ୟ କାର୍ଯ୍ୟକାରୀ ସଭ୍ୟ ଏନ ନାରାୟଣ ରେଡୀ, ସିପିଏମର ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହେରା, ଦଳିତନେତା ରାମ ପାତ୍ର, ସିପିଏମଏଲର ଭାଲଚନ୍ଦ୍ର ଷଡଙ୍ଗୀ, ଦଳିତ ନେତା ପ୍ରତାପ ନାୟକ, ଅଖିଳ ଭାରତ ଯୁବସଙ୍ଘର ରାଜ୍ୟ ସମ୍ପାଦକ କାମଦେବ ନାହାକ, ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଜିଲ୍ଲା ସହ ସମ୍ପାଦକ ନୀଳକଣ୍ଠ ଦାଶ, ଆପ୍‌ର ଆଦିତ୍ୟ ରଥ, ଶିବ ପ୍ରତାପ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

● କବିରାଜ ଅନନ୍ତ ତ୍ରିପାଠୀ ଶର୍ମା ଆୟୁର୍ବେଦ ମହାବିଦ୍ୟାଳୟ

# ନୂତନ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ



କୁକୁଡାଖଣ୍ଡି,୨୫।୬(ସମିସ): ଆଙ୍କୁଶପୁର ସ୍ଥିତ କବିରାଜ ଅନନ୍ତ ତ୍ରିପାଠୀ ଶର୍ମା ଆୟୁର୍ବେଦ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଭାବେ ପ୍ରଫେସର ଡାକ୍ତର ଅରୁଣ କୁମାର ଦାଶ ଦାୟିତ୍ୱ ଗ୍ରହଣ କରିଛନ୍ତି। ପ୍ରଫେସର ଦାଶ ପୁରୀ ସ୍ଥିତ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରୁ ଏଠାକୁ ଆସିଥିବା ବେଳେ ତାଙ୍କ ସ୍ଥାନରେ ଆଙ୍କୁଶପୁର ଆୟୁର୍ବେଦ ମହାବିଦ୍ୟାଳୟର ପୂର୍ବ ଅଧ୍ୟକ୍ଷ ପ୍ରଫେସର ବିପିନି ବିହାରୀ ଖୁଣ୍ଟିଆଙ୍କୁ ବଦଳି କରାଯାଇଛି।

ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ପ୍ରତି ଆକ୍ରୋଶମୂଳକ ମନୋଭାବ ପୋଷଣ ସହିତ ଅର୍ଥ ଆଦାୟ ଭଳି ଅଭିଯୋଗ କରି ଛାତ୍ରଛାତ୍ରୀମାନେ ଅଧ୍ୟକ୍ଷ ଓ ଅନ୍ୟ ଦୁଇଜଣ ଅଧ୍ୟାପିକାଙ୍କ ବଦଳି ଦାବିରେ ଦୀର୍ଘଦିନ ଧରି ଆନ୍ଦୋଳନ କରିଥିଲେ। ପରେ ରାଜ୍ୟ ସରକାର କଲେଜର ଅଧ୍ୟକ୍ଷ ଡାକ୍ତର ଖୁଣ୍ଟିଆଙ୍କ ସମେତ ଅନ୍ୟଜଣେ ଅଧ୍ୟାପିକାଙ୍କୁ ପୁରୀ ଆୟୁର୍ବେଦ ମହାବିଦ୍ୟାଳୟକୁ ବଦଳି କରିଥିଲେ। ପରେ ଛାତ୍ରଛାତ୍ରୀମାନେ ଆନ୍ଦୋଳନରୁ ଓହରିଥିଲେ। ପ୍ରଫେସର ଡାକ୍ତର ଅରୁଣ କୁମାର ଦାଶ ବୁଧବାର କଲେଜର ନୂତନ ଅଧ୍ୟକ୍ଷ ରୂପେ ଦାୟିତ୍ୱ ଗ୍ରହଣ କରିଛନ୍ତି। କଲେଜର ସମସ୍ତ କର୍ମଚାରୀମାନେ ଡାକ୍ତର ଦାଶଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିବା ବେଳେ ଛାତ୍ରଛାତ୍ରୀମାନେ ଫୁଲଚନ୍ଦନ ଇତ୍ୟାଦି ଦେଇ ନୂତନ ଅଧ୍ୟକ୍ଷ ଡାକ୍ତର ଦାଶଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରି ଆଶିଷ ଭିକ୍ଷା କରିଥିଲେ। ଡାକ୍ତର ଅରୁଣ ଦାଶ କଲେଜର ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ କ୍ୟାମ୍ପସରେ ଥିବା ମହାବିଦ୍ୟାଳୟର ପ୍ରତିଷ୍ଠାତା ଦିବଂଗତ କବିରାଜ ତ୍ରିପାଠୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

ଏହି ଅବସରରେ ମହାବିଦ୍ୟାଳୟର ପୁରାତନ ଛାତ୍ରସଂସଦ ପକ୍ଷରୁ ଆବାହକ ଡାକ୍ତର ସାଗର ରଞ୍ଜନ ତ୍ରିପାଠୀ, ଡାକ୍ତର ଶିଶିର ମିଶ୍ର ଓ ଡାକ୍ତର ଶିଶିର ତ୍ରିପାଠୀ ନୂତନ ଅଧ୍ୟକ୍ଷଙ୍କ ଯୋଗଦାନ ଫଳରେ ଅନୁଷ୍ଠାନରେ ଶୈକ୍ଷିକ ବାତାବରଣ ସୃଷ୍ଟି ସହ ରୋଗୀଙ୍କୁ ଉନ୍ନତ ମାନର ଚିକିତ୍ସା ସେବା ବ୍ୟବସ୍ଥା ସୁଦୃଢ଼ ହୋଇପାରିବ ବୋଲି ଆଶା ପ୍ରକାଶ କରିଛନ୍ତି।

# ରଥଯାତ୍ରା ପାଇଁ ଜବରଦଖଲ ଉଚ୍ଛେଦରେ ପାତରଅନ୍ତର ଅଭିଯୋଗ

**ପାରଳାଖେମୁଣ୍ଡି,୨୫।୬(ସମିସ):** ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡିରେ ରଥଯାତ୍ରା ବେଳେ ଯେପରି ସମସ୍ୟା ନ ଉପୁଜେ ସେଥିପାଇଁ ଜବରଦଖଲ ଉଚ୍ଛେଦ ଆରମ୍ଭ ହୋଇଛି। ପୂର୍ବରୁ ଜବରଦଖଲ ଉଚ୍ଛେଦ ପାଇଁ ପ୍ରଶାସନ ପକ୍ଷରୁ ହାଇସ୍କୁଲ ଛକଠାରୁ ଆରମ୍ଭ କରି ରାଜଦାଣ୍ଡ ସାହି, ମୁଖ୍ୟବଜାର ରାସ୍ତା, ସନ୍ୟାନାଇଡୁ ସାହି ଆଦି ଅଞ୍ଚଳରେ ସୂଚନା ଦିଆଯାଇଥିଲା। ମଙ୍ଗଳବାର ଦିନ ମଧ୍ୟ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ ସମ୍ପର୍କରେ କୁହାଯାଇଥିଲା। ହେଲେ କେତେକ ଦୋକନୀ ବା ବ୍ୟବସାୟ ପ୍ରତିଷ୍ଠାନ ନିଜେ ନିଜେ ନିଜ ନିଜ ସାମଗ୍ରୀ ହଟାଇ ଦେଇଥିବା ବେଳେ ବହୁ ବ୍ୟବସାୟ ପ୍ରତିଷ୍ଠାନ ଅମାନିଆ ହୋଇଥିଲେ। ତେଣୁ ଆଜି ପ୍ରଶାସନ ପକ୍ଷରୁ ମିଳିତ ଚଢ଼ଉ କରାଯାଇ ଜେସିବିରେ



ଉଚ୍ଛେଦ କରାଯାଇଥିଲା। ଏହି ପ୍ରକ୍ରିୟା ଗୁରୁବାର ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଜଣାପଡିଛି। ଯଦି ନିଜେ ନିଜେ ନ ହଟାନ୍ତି ପ୍ରଶାସନ ପକ୍ଷରୁ ଭଙ୍ଗାଯିବ ବୋଲି ସୂଚନା ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ ଏହି ଉଚ୍ଛେଦରେ ପାତରଅନ୍ତର କରାଯାଉଥିବା ଅଭିଯୋଗ ହୋଇଛି।। କେତେକ ଦୋକାନୀ ବା ଗୃହର ମାଲିକ ଅଭିଯୋଗ ଯେ ପ୍ରଭାବଶାଳୀ ବ୍ୟକ୍ତିଙ୍କ କଥା ଶୁଣି କିଛି ଉଚ୍ଛେଦ କରାଯାଇନଥିବା ବେଳେ ଅନ୍ୟମାନଙ୍କ କଥାରେ ପଡି ସେମାନଙ୍କୁ ଉଚ୍ଛେଦ କରାଯାଉଛି। ଆଜିର ଏହି ଜବରଦଖଲ ଉଚ୍ଛେଦ ସମୟରେ ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା, ଉପଖଣ୍ଡିୟ ଆରକ୍ଷୀ ଅଧୀକ୍ଷକ ମାଧବାନନ୍ଦ ନାୟକ, ତହଲସିଲଦାର ନାରାୟଣ ବେହେରା, ପୌରପରିଷଦର ନିର୍ବାହୀ ଅଧିକାରୀ ଲକ୍ଷ୍ମଣ ମୁର୍ମୁଙ୍କ ସମେତ ବିଭିନ୍ନ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ। ଆଇନଶୃଙ୍ଖଳା ପରିସ୍ଥିତି ଯେପରି ନ ଉପୁଜେ ସେଥିପାଇଁ ବ୍ୟାପକ ପୁଲିସ ମୁତୟନ ହୋଇଥିଲା।

# ଯୁବକଙ୍କୁ ହତ୍ୟା ପରେ ପଥର ବାନ୍ଧି ଡ୍ୟାମ୍‌କୁ ଫିଙ୍ଗିଦେଲେ

## ନିଖୋଜର ୩ ଦିନ ପରେ ମୃତଦେହ ଉଦ୍ଧାର

## ଜମିଜମା ବିବାଦରୁ ହତ୍ୟା ସନ୍ଦେହ

**ମୋହନା,୨୫।୬(ସମିସ):** ଗଜପତି ଜିଲ୍ଲା ରାମଗିରି ଥାନା ଅନ୍ତର୍ଗତ କଡ଼ମାସିଂ ଗ୍ରାମର ଜଣେ ନିଖୋଜ ଯୁବକଙ୍କ କ୍ଷତାକ୍ତ ମୃତଦେହ ନିକଟସ୍ଥ ନୂଆସାହି ଡ୍ୟାମରୁ ଉଦ୍ଧାର କରିଛି ପୁଲିସ। ଯୁବକ ଜଣକର ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଛି। ଯୁବକଙ୍କୁ ସଙ୍ଘବଦ୍ଧ ଭାବେ ଆକ୍ରମଣ କରି ହତ୍ୟା କରିବା ପରେ ମୃତଦେହରେ ପଥର ବାନ୍ଧି ଡ୍ୟାମରେ ଫିଙ୍ଗି ଦିଆଯାଇଛି।

ସୂଚନା ପ୍ରକାରେ କଡ଼ମାସିଂ ଗ୍ରାମର ରାମଚନ୍ଦ୍ର ନାୟକ ତିନି ଦିନ ପୂର୍ବରୁ ପରିବାର ଲୋକଙ୍କ ସହ ଧାନ ତଳି ରୋଇବାକୁ ବିଲକୁ ଯାଇଥିଲେ। କାମ ସରିବା ପରେ ପରିବାର ଲୋକେ ଘରକୁ ଆସିଯାଇଥିବା ବେଳେ ରାମଚନ୍ଦ୍ର ଡ୍ୟାମରେ ଗାଧୋଇ ପରେ



ଆସିବା ପାଇଁ କହି ଏକା ରହିଯାଇଥିଲେ। ଏହାପରେ ତାଙ୍କର କୌଣସି ଖୋଜ ଖବର ମିଳିନଥିଲା। ଏନେଇ ପରିବାର ଲୋକେ ରାମଗିରି ଥାନାରେ ଏକ ନିଖୋଜ ମାମଲା ଦାୟର କରିଥିଲେ। ତେବେ ଆଜି ସକାଳେ ନୂଆସାହି ଡ୍ୟାମ୍‌ରେ ଏକ ମୃତଦେହ ଭାସୁଥିବା ଦେଖି କିଛି ଲୋକ ରାମଚନ୍ଦ୍ରଙ୍କ ପରିବାର ଓ ପୁଲିସକୁ ଖବର ଦେଇଥିଲେ। ପୁଲିସ ମୃତଦେହ ଉଦ୍ଧାର କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ରାମଚନ୍ଦ୍ରଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ନିକଟସ୍ଥ ଅନଗା ଗ୍ରାମର କିଛି ବ୍ୟକ୍ତିଙ୍କ ସହ ଜମିଜମା ମାମଲାକୁ ନେଇ ରାମଚନ୍ଦ୍ର ଏବଂ ତାଙ୍କ ପରିବାର ଲୋକଙ୍କ ମଧ୍ୟରେ ଝଗଡ଼ା ଲାଗି ରହିଥିଲା। ବିଭିନ୍ନ ସମୟରେ ରାମଚନ୍ଦ୍ରଙ୍କୁ ହତ୍ୟା ଧମକ ମଧ୍ୟ ଦେଉଥିଲେ ସମ୍ପୃକ୍ତ ବ୍ୟକ୍ତି। ଏହି ଘଟଣାକୁ କେନ୍ଦ୍ର କରି ରାମଚନ୍ଦ୍ରଙ୍କୁ ହତ୍ୟା କରାଯାଇଥିବା ତାଙ୍କ ଭାଇ ବରୁଣ ନାୟକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପାରଳାଖେମୁଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ବେଳେ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଅଳିଆ ବୁହା ଅଟୋ ଧକ୍କାରେ ଜଣେ ମୃତ

**ପାରଳାଖେମୁଣ୍ଡି,୨୫।୬(ସମିସ):** ପାରଳାଖେମୁଣ୍ଡି ଆଦର୍ଶ ଥାନା ଅନ୍ତର୍ଗତ ରାଣୀପେଣ୍ଠ ଗ୍ରାମରେ ଏକ ଅଟୋ ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ କାଲା ସୁରିନାରାୟଣା(୫୦) ବୋଲି ଜଣାପଡିଛି। ସୁରିନାରାୟଣା ଗ୍ରାମର ବଡ଼ସାହି ଦେଇ ଚାଲି ଚାଲି ଯାଉଥିବା ସମୟରେ ରାଣୀପେଣ୍ଠ ପଞ୍ଚାୟତ ଦ୍ୱାରା ନିୟୋଜିତ ଏକ ଅଳିଆ ବୁହା ଅଟୋ ବ୍ରେକ୍ ଫେଲ୍ ହୋଇ ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ସାହିର ଏକ ଘରର ପାଚେରୀ ଓ ଅଟୋ ମଧ୍ୟରେ ଚାପି ହୋଇଯାଇଥିଲେ ସୁରିନାରାୟଣା। ତୁରନ୍ତ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଆଦର୍ଶ ଥାନା ପୁଲିସ ଖବର ପାଇ ପହଞ୍ଚି ତଦନ୍ତ ଆରମ୍ଭ କରିଛି।



ଖବର ପାଇ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ ଜିଲ୍ଲାମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ମୃତକଙ୍କ ପରିବାର ଲୋକଙ୍କୁ ଭେଟି ଦୁଃଖ ପ୍ରକାଶ କରିଥିଲେ। ମୃତ ସୁରିନାରାୟଣା ଜଣେ ଦିନ ମଜୁରିଆ ଏବଂ ଗରୀବ ଶ୍ରେଣୀର ହୋଇଥିବାରୁ ତାଙ୍କ ପରିବାରବର୍ଗଙ୍କୁ ସରକାରଙ୍କ ତରଫରୁ ଆର୍ଥିକ ସହାୟତା ଦେବାକୁ ରାଣୀପେଣ୍ଠ ଗ୍ରାମବାସୀଙ୍କ ସମେତ ଜିଲ୍ଲାପରିଷଦ ଅଧ୍ୟକ୍ଷ ଶ୍ରୀ ରାଓ ନିବେଦନ କରିଛନ୍ତି।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ପାରଳାଖେମୁଣ୍ଡି,୨୫।୬ (ସମିସ):** ଆର୍.ଉଦୟଗିରି ଥାନା ଅନ୍ତର୍ଗତ ଟିକାମାଳ ଗ୍ରାମର ଜଣେ ବିବାହିତା ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତ ମହିଳାଙ୍କ ନାମ ସୁରଞ୍ଜିତା ଆନନ୍ଦ (୨୯)। ସେ ୬ ବର୍ଷ ପୂର୍ବେ ପିନୋଶ କୁମାର ଆନନ୍ଦଙ୍କୁ ବିବାହ କରିଥିଲେ। ସେମାନଙ୍କ ଦୁଇ ପୁଅ ମଧ୍ୟରୁ ଗୋଟିଏ ପୁଅର ମୃତ୍ୟୁ ଘଟିଥିବା ବେଳେ ୩ ବର୍ଷିୟ ପୁଅ ଅଛି। ପତି ପତ୍ନୀଙ୍କ ମଧ୍ୟରେ ସବୁବେଳେ ଝଗଡା ହେଉଥିବା ଗ୍ରାମବାସୀ କହିଛନ୍ତି। ସୂଚନା ପ୍ରକାରେ ସୁରଞ୍ଜିତାଙ୍କୁ ଅଚେତ ଅବସ୍ଥାରେ ତାଙ୍କ ପରିବାର ଲୋକେ ଆର୍.ଉଦୟଗିରି ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଘଟଣା ସମ୍ପର୍କରେ ଆର୍.ଉଦୟଗିରି ଥାନା ପୁଲିସ୍ ଖବର ପାଇ ମୃତଦେହ ଜବତ କରି ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଦେଇଛନ୍ତି। ଏନେଇ ଆର୍.ଉଦୟଗିରି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବାର ଥାନା ସୂତ୍ରରୁ ପ୍ରକାଶ।



# ପାରଳାଖେମୁଣ୍ଡିରେ ବିଜେଡି ଯୁବ ଛାତ୍ର ସଂଗଠନର ଗର୍ଜନ






**ପାରଳାଖେମୁଣ୍ଡି,୨୫।୬(ସମିସ):** ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ। ଶାସନ ଭାର ଏବେ ଅପାରଗ ବିଜେପି ସରକାର ହାତରେ। ଏହାକୁ ନେଇ ଗଜପତି ଜିଲ୍ଲା ଯୁବ ଓ ଛାତ୍ର ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

ପୂର୍ବ ସରକାରଙ୍କ ସମୟରେ ନାରୀ ସୁରକ୍ଷିତ, ସଶକ୍ତିକରଣ ଓ ଜୀବିକାନିର୍ବାହ କ୍ଷେତ୍ରରେ ଯଥେଷ୍ଟ ସଫଳତା ପାଇଥିଲେ ମହିଳା। ଏବେ ସାରା ରାଜ୍ୟରେ ବଢ଼ିଚାଲିଛି ନାରୀ ନିର୍ଯାତନା। ଏପରିକି ଅନ୍ତର୍ଜାତୀୟସ୍ତରରେ ଲଜ୍ଜିତ ହେଲାଣି ଓଡ଼ିଶା। ଯାହା ଓଡ଼ିଆ ଅସ୍ମିତାକୁ ନିନ୍ଦିତ ଓ ଅପମାନିତ କରିଛି। ଗୋପାଳପୁର ଭଳି ଏକ ପର୍ଯ୍ୟଟନସ୍ଥଳରେ ଜଣେ ଯୁବତୀଙ୍କ ପୁରୁଷ ବନ୍ଧୁଙ୍କୁ ଗଛରେ ବାନ୍ଧି ଦେଇ ତାଙ୍କ ସାମ୍ନାରେ ଯୁବତୀ ଜଣଙ୍କୁ ଗଣଦୁଷ୍କର୍ମ କରାଯାଇଥିଲା। ନିଜେ ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କ ଜିଲ୍ଲାରେ ମଧ୍ୟ ନାରୀ ସୁରକ୍ଷିତ ନାହାନ୍ତି।

ଏହାର ପ୍ରତିବାଦରେ ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି କଲେଜ ଛକସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ବିଜେପି ସରକାରଙ୍କ ଅପାରଗତାକୁ ନେଇ ଗର୍ଜନ କରିଛି ବିଜେଡି। ଆଗାମୀ

### ବଢୁଥିବା ନାରୀ ନିର୍ଯାତନା ପ୍ରତିବାଦରେ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

ଦିନରେ ଏଭଳି ସ୍ଥିତି ଜାରି ରହିଲେ ରାଜରାସ୍ତା ଅବରୋଧ କରି ଆନ୍ଦୋଳନକୁ ଜୋରଦାର କରିବାକୁ ଚେତାବନୀ ଦେଇଛନ୍ତି ବିକ୍ଷୋଭକାରୀ। ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇଥିବା ବେଳେ ଓ ରାଜ୍ୟର ୧୧ଟି ଜିଲ୍ଲା ହଇଜା ଓ ଡାଇରିଆରେ ଲୋକେ କଲବଲ ହେଉଛନ୍ତି। ମାତ୍ର ରାଜ୍ୟ ସରକାର ଏକ ବର୍ଷ ପୂର୍ତ୍ତି ଉତ୍ସବରେ ମାତିଛନ୍ତି ବୋଲି ଛାତ୍ର ନେତା ଓ କର୍ମୀମାନେ କହିଛନ୍ତି। ପ୍ରତିବାଦରେ ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କ କୁଶପୁତ୍ତଳିକା ଦାହ ସହ ସରକାରଙ୍କ ଦୁର୍ବଳତା ନେଇ ବିଜେଡିର ନାରାବାଜିରେ ସହର ପରିକ୍ରମା କରିଥିଲେ ଶତାଧିକ ଛାତ୍ର ଓ ଯୁବ ଦଳୀୟ କର୍ମୀ। କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡି ସଭାପତି ପ୍ରଦୀପ କୁମାର ନାୟକ, ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ, ପାରଳାଖେମୁଣ୍ଡି ପୌରାଧକ୍ଷା ନିର୍ମଳା ସେଠୀ, ଜିଲ୍ଲା ଛାତ୍ର ନେତା ବିଶ୍ୱଜିତ ତ୍ରିପାଠୀ, ଜିଲ୍ଲା ଯୁବ ସଭାପତି ଏସ୍.ଲିଙ୍ଗରାଜୁ, ବରିଷ୍ଠ ନେତା ଲକ୍ଷ୍ମୀକାନ୍ତ ପରିଚ୍ଛାଙ୍କ ସମେତ ଜିଲ୍ଲା ବିଜେଡି ନେତୃବୃନ୍ଦ, ବହୁ କର୍ମୀ, ନେତା ସାମିଲ ହୋଇଥିଲେ।

# କେରଳରେ ଦାଦନ ଶ୍ରମିକଙ୍କ ମୃତ୍ୟୁ; ଆସିପାରୁନି ମୃତଦେହ

**ମୋହନା,୨୫।୬(ସମିସ):** ଗଜପତି ଜିଲ୍ଲା ଅଡ଼ବା ଥାନା ଗରଡ଼ମା ଗ୍ରାମର ଜଣେ ବ୍ୟକ୍ତି ଦାଦନ ଖଟିବାକୁ କେରଳ ଯାଇଥିବା ବେଳେ ସେଠାରେ ଟ୍ରେନ ଧକ୍କାରେ ତାଙ୍କର ମୃତ୍ୟୁ ହୋଇଛି। ମୃତ ହେଲେ ଗରଡ଼ମା ଗ୍ରାମର ମହେନ୍ଦ୍ର ବଳିଆରସିଂ। ସପ୍ତାହ ପୂର୍ବରୁ ଗ୍ରାମର କିଛି ଲୋକଙ୍କ ସହ ମହେନ୍ଦ୍ର ଦାଦନ ଖଟିବା ପାଇଁ କେରଳର ଏର୍ଣ୍ଣାକୁଲମ ଜିଲ୍ଲା ଅନ୍ତର୍ଗତ ଆଲୱ ଥାନା ଅଞ୍ଚଳକୁ ଯାଇଥିଲେ। ଗତ ସୋମବାର ନିକଟସ୍ଥ ରେଳ ଧାରଣା କଡ଼ରେ ମହେନ୍ଦ୍ରଙ୍କ କ୍ଷତ ବିକ୍ଷତ ମୃତଦେହ ପଡ଼ିଥିବା ଦେଖି ସାଥୀମାନେ ସ୍ଥାନୀୟ ପୁଲିସକୁ ଖବର ଦେଇଥିଲେ। ଆଲୱ ଥାନା ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।



ଅନ୍ୟପଟେ ମହେନ୍ଦ୍ରଙ୍କ ଚାରୋଟି ସନ୍ତାନ ଏବଂ ସ୍ତ୍ରୀ ତାଙ୍କ ମୃତଦେହ କେତେବେଳେ ଗ୍ରାମରେ ପହଞ୍ଚିବ ଅପେକ୍ଷାରେ ରହିଛନ୍ତି। ପୂର୍ବ ବିଜେଡ଼ି ସରକାର ସମୟରେ 'ଓଡ଼ିଶା ମୋ ପରିବାର' ଯୋଜନାରେ ରାଜ୍ୟ ବାହାରେ ମୃତ୍ୟୁ ହେଉଥିବା ବ୍ୟକ୍ତିଙ୍କ ଶବକୁ ପରିଜନଙ୍କ ନିକଟରେ ପହଞ୍ଚାଯାଉଥିବା ବେଳେ ବର୍ତ୍ତମାନ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ। ଫଳରେ ଗରିବ ଅସହାୟ ପରିବାର ବର୍ଗ ନିଜ ପ୍ରିୟଜନଙ୍କ ମୃତଦେହ ଆଣିବା ପାଇଁ ନାନା ସମସ୍ୟା ଭୋଗୁଛନ୍ତି। ଏନେଇ ପରିବାର ଲୋକେ ଏବଂ ସମ୍ପର୍କୀୟ ଆଜି ମୋହନା ବ୍ଲକ କାର୍ଯ୍ୟାଳୟକୁ ଆସି ମହେନ୍ଦ୍ରଙ୍କ ମୃତଦେହକୁ ଆଣିବାକୁ ଗୁହାରି କରିଛନ୍ତି। ଅତ୍ୟନ୍ତ ଗରିବ ଶ୍ରେଣୀର ପରିବାର ହୋଇଥିବା ଯୋଗୁ ତାଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଅନୁରୋଧ କରିଛନ୍ତି ଅଞ୍ଚଳବାସୀ। ଏନେଇ ଏକ ନିବେଦନ ପତ୍ର ମୋହନା ଏବିଡ଼ିଓ ରମାକାନ୍ତ ଚୌଧୁରୀଙ୍କୁ ମୃତ ମହେନ୍ଦ୍ରଙ୍କ ପରିବାର ଏବଂ ସମ୍ପର୍କୀୟ ପ୍ରଦାନ କରିଛନ୍ତି।

# 'ଜରୁରିକାଳୀନ ପରିସ୍ଥିତି ଘୋଷଣା ଏକ କଳଙ୍କିତ ଅଧ୍ୟାୟ'

**ପାରଳାଖେମୁଣ୍ଡି,୨୫।୬(ସମିସ):** ପାରଳାଖେମୁଣ୍ଡି ସହରରେ ଥିବା ମହିଳା ସ୍ନାତକ ମହାବିଦ୍ୟାଳୟରେ ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗର



ନିର୍ଦ୍ଦେଶ କ୍ରମେ ଅଧକ୍ଷା ଡ. ରୀନା ସାହୁଙ୍କ ଅଧ୍ୟକ୍ଷତାରେ "ସମ୍ବିଧାନ ହତ୍ୟା ଦିବସ' ପାଳିତ ହୋଇଯାଇଛି। ଏହି ଅବସରରେ ଅଧକ୍ଷା ନିଜ ଅଭିଭାଷଣରେ ସମ୍ବିଧାନର ଗୁରୁତ୍ୱ ଓ ଆଇନର ଶାସନ ମହତ୍ତ୍ୱକୁ ବୁଝାଇ କହିଥିଲେ। ଇତିହାସ ବିଭାଗର ବରିଷ୍ଠ ଅଧ୍ୟାପିକା ଡ. ଭାରତୀ ପାଣିଗ୍ରାହୀ ୧୯୭୫ ମସିହା ଜୁନ୍ ୨୯ ତାରିଖରେ ଦେଶରେ ଘଟିଥିବା ଜରୁରିକାଳୀନ ପରିସ୍ଥିତି ଓ ଏହାର ଅପବ୍ୟବହାର ସମ୍ବନ୍ଧରେ ଆଲୋକପାତ କରିଥିଲେ। ସେହିପରି ରାଜନୀତି ବିଭାଗର ଅଧ୍ୟାପକ କୃଷ୍ଣଚନ୍ଦ୍ର ପଣ୍ଡିତ ସମ୍ବିଧାନର ଅର୍ଥ, ଉପଯୋଗିତା, ଅଧିକାର ଏବଂ ଗଣତନ୍ତ୍ର ଶାସନରେ ସମ୍ବିଧାନର ଗୁରୁତ୍ୱକୁ ହତ୍ୟା କିପରି ହେଉଛି ସେ ସମ୍ପର୍କରେ ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଓ ଛାତ୍ରୀ ଉପସ୍ଥିତ ଥିଲେ।

**ରାଇକିଆ:** ଭାରତରେ ୧୯୭୫ରେ ଜାରି କରାଯାଇଥିବା ଜରୁରୀ କାଳୀନ ପରିସ୍ଥିତି ଭାରତ ଇତିହାସର ଅନ୍ୟତମ କଳଙ୍କିତ ଅଧ୍ୟାୟ। ଏ ନେଇ କନ୍ଧମାଳ ଜିଲ୍ଲା ରାଇକିଆ ଜୀବନ ଜ୍ୟୋତି ମହାବିଦ୍ୟାଳୟରେ ଏକ ଆଲୋଚନା ଚକ୍ରରେ ଛାତ୍ରୀଛାତ୍ର ଏବଂ ଅଧ୍ୟାପକ, ଅଧ୍ୟାପିକା ସାମିଲ ହୋଇ ବକ୍ତବ୍ୟ ରଖିଥିଲେ। ପ୍ରିନ୍ସିପଲ୍ ଦାୟିତ୍ୱରେ ଥିବା ଅଧ୍ୟାପକ ଦିଲୀପ ନାୟକ, କାର୍ଯ୍ୟକ୍ରମ ସଂଯୋଜକ ରାଜନୀତି ବିଜ୍ଞାନ ବିଭାଗ ର ବରିଷ୍ଠ ଅଧ୍ୟାପକ ବେଣୁପାଣି ମହାପାତ୍ର , ଇତିହାସ ବିଭାଗ ମୁଖ୍ୟ ଅଧ୍ୟାପକ ଜଗନ୍ନାଥ ଦାସ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ବିଶ୍ୱବିହାରୀ ଦଳାଇ, ଅଧ୍ୟାପିକା ମଞ୍ଜୁଳା ସାହୁ, କାଜଲ ଦଳାଇ, ଲିଜାଲିନ ଭୋଇ, ଫିରଦୋଷି ପ୍ରଧାନ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରବନ୍ଧ, ବକ୍ତୃତା ,ନାଟକ ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।




# ତିନି ରଥରେ ସଂଯୋଗ ହେଲା ନୀଳଚକ୍ର

**ପାରଳାଖେମୁଣ୍ଡି,୨୫।୬(ସମିସ):** ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ଶୁକ୍ରବାର ହେବାକୁ ଥିବା ପବିତ୍ର ରଥଯାତ୍ରା ଲାଗି ତିନି ରଥ ନିର୍ମାଣ ସରିଛି। ଆଉ ଦିନକ ପରେ ମହାବାହୁ ରଥରେ ସବାର ହୋଇ ଗୁଣ୍ଡିଚା ଯାତ୍ରା କରିବେ ଠାକୁର। ଏଥି ପାଇଁ ଆଜି ରୀତିନୀତି ଅନୁସାରେ ତିନି ରଥରେ ନୀଳଚକ୍ର ସଂଯୋଗ କରାଯାଇଛି। ଏହି ଅବସରରେ ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ତଥା ରଥଯାତ୍ରା କମିଟି ଅଧକ୍ଷ ଅନୁପ ପଣ୍ଡା, ତହସିଲଦାର ନାରାୟଣ ବେହେରା, ରଥଯାତ୍ରା କମିଟିର ଟି.ବସନ୍ତ କୁମାର, ଭାରତଭୂଷଣ ମହାନ୍ତି, ରାଜେନ୍ଦ୍ର ବେହେରା, ବସନ୍ତ କୁମାର ପଣ୍ଡା, ପ୍ରନୋଜ କୁମାର ପଟ୍ଟନାୟକ ଓ ବାବୁଲା ବେହେରା ଉପସ୍ଥିତଥିଲେ। ଗୁରୁବାର ଦିନ ନବଯୌବନ ବେଶରେ ଦର୍ଶନ ଦେବେ



ତିନି ଠାକୁର। ୧୫ଦିନ ପରେ ଠାକୁର ଜ୍ୱରରୁ ଉଠିବେ। ଗୁରୁବାର ଦିନ ଠାକୁରଙ୍କ ନବଯୌବନ ବେଶ ଦର୍ଶନ ପାଇଁ ଭିଡ଼ ଜମିବାକୁ ଥିବାରୁ ବ୍ୟାପକ ପ୍ରସ୍ତୁତି କରାଯାଉଛି।

# ଦୁଇ ବାଇକ୍ ମୁହାଁମୁହିଁ; ୫ ଗୁରୁତର

**ବ୍ରାହ୍ମଣୀଗାଁ,୨୫।୬(ସମିସ):** ବ୍ରାହ୍ମଣୀଗାଁ ଥାନା ଜିଡ଼ିଙ୍ଗପାଟା ଛକ ନିକଟ ଆମ୍ବଗଛ ବୁଲାଣିରେ ମଙ୍ଗଳବାର ରାତି ପ୍ରାୟ ୮ଟାରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ୫ଜଣ ଗୁରୁତର ହୋଇଥିଲେ। ସେମାନଙ୍କୁ ଗଦାପୁର ଗ୍ରାମବାସୀ ଅଟୋରେ ବ୍ରାହ୍ମଣୀଗାଁ ଡାକ୍ତଖାନା ନେଇଥିଲେ। ଗୁରୁତର ହେଲେ ଗଦାପୁର ଗ୍ରାମ ହରିଜନ ସାହିର କିଶୋର ପ୍ରମିସ୍ ରଣଜିତ୍(୧୮), ଯକ୍ଷ୍ୟ ଧାଙ୍ଗଡାମାଝୀ (୧୮), ଅଭିଜିତ ବଳିଆରସିଂ(୨୧), ଆରନ ମୁଠାମାଝୀ(୨୭) ଓ ଇସ୍ମାଇଲ ସୁନାମାଝୀ (୨୭)। ଯକ୍ଷ୍ୟ ଓ ଅଭିଜିତଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ରେଫର କରାଯାଇଛି।

## ଖାଦ୍ୟ ଯୋଗାଣ ଓ ନିରାପତ୍ତା ବିଭାଗର ଚଢଉ

# ୧୦ଟି ଗ୍ୟାସ୍ ସିଲଣ୍ଡର୍ ଜବତ; ଜରିମାନା ଆଦାୟ

**କାଶୀନଗର,୨୫।୬(ସମିସ)**

କାଶୀନଗରରେ ବୁଧବାର ଖାଦ୍ୟ ଯୋଗାଣ ଓ ନିରାପତ୍ତା ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଥିଲା। ଚଢ଼ଉରେ ଜିଲ୍ଲା ସହକାରୀ ଖାଦ୍ୟ ଯୋଗାଣ ଅଧିକାରୀ ବିଷ୍ଣୁ ଚରଣ ପରିଡା, ଖାଦ୍ୟ ସୁରକ୍ଷା ଅଧିକାରିଣୀ ତପସ୍ୱିନୀ ବେହେରା, କାଶୀନଗର ଖାଦ୍ୟ ଯୋଗାଣ ନିରୀକ୍ଷକ ଶୁଭେନ୍ଦୁ କୁମାର ପାଣିଗ୍ରାହୀ, ନିରୀକ୍ଷକ କଲ୍ୟାଣ କୁମାର ସେନାପତି ଓ ବଳରାମ ପ୍ରଧାନ ସାମିଲ ଥିଲେ।

କାଶୀନଗରର ବିଭିନ୍ନ ହୋଟେଲ, ରେଷ୍ଟୁରେଣ୍ଟ ଓ ଦୋକାନରେ ଯାଞ୍ଚ କରାଯାଇ ୧୦ଟି ରନ୍ଧନ ଗ୍ୟାସ ସିଲିଣ୍ଡର ଜବତ ସହ ୨୨ ହଜାର ଟଙ୍କା ଜରିମାନା



ଆଦାୟ କରାଯାଇଥିବା ଜିଲ୍ଲା ସହକାରୀ ଖାଦ୍ୟ ଯୋଗାଣ ଅଧିକାରୀ ସୂଚନା ଦେଇଛନ୍ତି। ସେହିପରି ହାଡୁଭାଙ୍ଗି ଏକ ହୋଟେଲରେ ରନ୍ଧନ ଗ୍ୟାସ ସିଲିଣ୍ଡର ଜବତ କରିବା ସହ ହୋଟେଲ ଉପରେ ଜରିମାନା କରାଯାଇଥିଲା। ଉକ୍ତ ହୋଟେଲରେ ବିଦେଶୀ ମଦ ବିକ୍ରି ହେଉଥିବା ଦେଖି ଅବକାରୀ ବିଭାଗକୁ ସୂଚନା ଦେଇଥିଲେ ଯାଞ୍ଚ ଅଧିକାରୀ। ପରେ ଅବକାରୀ ବିଭାଗର ମୋବାଇଲ ୟୁନିଟ୍ ପହଞ୍ଚି ବିଦେଶୀ ମଦ ଜବତ କରିବା ସହ ଜଣକୁ ଗିରଫ କରିଛି। ଏହି ଯାଞ୍ଚକୁ ନେଇ କାଶୀନଗର ଠାରେ ଥିବା ହୋଟେଲ, ରେଷ୍ଟୁରେଣ୍ଟ ମାଲିକରେ କୋକୁଆ ଭୟ ଖେଳି ଯାଇଥିବାବେଳେ ଦୋକାନ ବଜାର ବନ୍ଦ କରି ତାଲା ପକେଇ ଦିଆଯାଇଥିବା ଦେଖିବାକୁ ମିଳିଛି।

## ୩ ବିଭାଗର ମିଳିତ ଚଢ଼ଉ

# ୬୮ ହଜାର ଜରିମାନା ଆଦାୟ; ୧୦ ଗ୍ୟାସ୍ ସିଲିଣ୍ଡର ଜବତ

**ମୋହନା,୨୫।୬(ସମିସ):** ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ଏବଂ ଉପ ଜିଲ୍ଲାପାଳ ଅନୁପ ପଣ୍ଡାଙ୍କ ତତ୍ତ୍ୱାବଧାନରେ ମଙ୍ଗଳବାର ମୋହନା ଅଞ୍ଚଳର ବିଭିନ୍ନ ହୋଟେଲ ଏବଂ ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ତିନି ବିଭାଗର ମିଳିତ ଚଢ଼ଉ କରାଯାଇଥିଲା। ଜିଲ୍ଲା ଖାଦ୍ୟ ନିରାପତ୍ତା, ଯୋଗାଣ ଏବଂ ମାପ ଓ ଓଜନ ବିଭାଗ ପକ୍ଷରୁ ମୋହନା, ଲୁହାଗୁଡ଼ି ଅଞ୍ଚଳରେ ଥିବା ହୋଟେଲ, ରେଷ୍ଟୁରାଣ୍ଟ, ତେଜରାତି ଦୋକାନ, ଫାଷ୍ଟଫୁଡ, ଜଳଖିଆ ଦୋକାନରେ ଯାଞ୍ଚ କରାଯିବା ସହ ବିଭିନ୍ନ ସ୍ଥାନରୁ ୧୦ଟି ଘରୋଇ ରନ୍ଧନ ଗ୍ୟାସ ସିଲିଣ୍ଡର



ଜବତ କରାଯାଇଛି। ମୋହନା ଅଞ୍ଚଳର ବିଭିନ୍ନ ପ୍ରତିଷ୍ଠିତ ହୋଟେଲରୁ ବାସୀ ଓ ଖରାପ ଖାଦ୍ୟ ଜବତ କରାଯିବା ସହ ଜଳ ନମୂନା ସଂଗ୍ରହ କରି ପରୀକ୍ଷା ପାଇଁ ନିଆଯାଇଛି। ନିୟମ ଖିଲାପ କାରୀଙ୍କୁ କଡା ଚେତାବନୀ ଦିଆଯିବା ସହ ଆଗାମୀ ଦିନରେ ଏଭଳି କାର୍ଯ୍ୟର ପୁନରାବୃତ୍ତି କଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ଯାଞ୍ଚ ଏବଂ ଚଢ଼ଉରେ ଜିଲ୍ଲା ଖାଦ୍ୟ ନିରାପତ୍ତା ଅଧିକାରୀ ତପସ୍ୱିନୀ ବେହେରା, ଏସିଏଓ ବିଷ୍ଣୁ ଚରଣ ପରିଡା, ମାପ ଓ ଓଜନ ବିଭାଗ ଡେପୁଟି କଣ୍ଟ୍ରୋଲର୍ ଘନାଶ୍ୟାମ ମୁଣ୍ଡାଙ୍କ ସମେତ ସ୍ଥାନୀୟ ଯୋଗାଣ ବିଭାଗ ଏବଂ ପୁଲିସ କର୍ମଚାରୀ ସାମିଲ ହୋଇଥିଲେ।

# ମେଡିସିନ ସ୍ପିରିଟ ବୋଝେଇ କାର୍ ଜବତ; ୨ ଗିରଫ

କୋଦଳା,୨୫।୬(ସମିସ): ବେଗୁନିଆପଡା ପୁଲିସ ନିଶା କାରବାରରେ ବ୍ୟବହୃତ ହୋମିଓ ସ୍ପିରିଟ ସହ ଏକ କାର୍ ଜବତ କରି ଦୁଇ ଜଣଙ୍କୁ ଗିରଫ କରିଛି। ବ୍ରହ୍ମପୁରଠାରୁ ଏକ କାର ଯୋଗେ ବେଗୁନିଆପଡା ଅଞ୍ଚଳକୁ ସ୍ପିରିଟ ଚାଲାଣ ହେଉଥିବା ଖବର ପାଇ ବେଗୁନିଆପଡା ଥାନା ଅଧିକାରୀ ଭଗବାନ ପୂଜାରୀ ନିଜର ଟିମ୍‌କୁ ନେଇ ବେଗୁନିଆପଡା ପେଟ୍ରୋଲ ଟାଙ୍କି ନିକଟରେ କାରକୁ ଅଟକାଇ ସେଥିରେ ଥିବା ୯୪ ବୋତଲ ହୋମିଓ ସ୍ପିରିଟ ବୋତଲ ଜବତ କରି କାର ସହ ଏଥିରେ ଜଡିତ ୨ଜଣଙ୍କୁ ଗିରଫ କରିଛନ୍ତି। ଏହା ଦୀର୍ଘଦିନ ଧରି ଚାଲିଥିବା ବେଳେ ନିଶା କାରବାର ରେ ଏହା ବ୍ୟବହୃତ ହେଉଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି।

## ପାଚେରି ଭାଙ୍ଗିବା ନେଇ ଥାନାରେ ଅଭିଯୋଗ

ବ୍ରହ୍ମପୁର,୨୫।୬(ସମିସ): ଗଜପତି ନଗର ସମ୍ପ୍ରସାରିତ ଅଷ୍ଟମ ଗଳିରେ ଏକ ନିର୍ମାଣାଧିନ ଘରର ପାଚେରି ଭାଙ୍ଗିବା ନେଇ ବିଏନ୍‌ପୁର ଥାନାରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ, ମେଡ଼ିକାଲ କ୍ୟାମ୍ପସରେ ରହୁଥିବା ବରିଷ୍ଠ ଅଧ୍ୟାପକ ଦିଲ୍ଲୀପ କୁମାର ଲେଙ୍କାଙ୍କ ଉକ୍ତ ସ୍ଥାନରେ ନୂତନ ଘର ନିର୍ମାଣ କାର୍ଯ୍ୟ ଚାଲିଛି। ଗତ କିଛିଦିନ ପୂର୍ବେ ଏକ ଜେସିବି ଦ୍ୱାରା ଉକ୍ତ ଘରର ପାଚେରିକୁ ଭଙ୍ଗା ଯାଉଥିବା ଘର ମାଲିକ ଜାଣିବାକୁ ପାଇଥିଲେ। ଜନୈକ ମହିଳାଙ୍କ ଇଙ୍ଗିତରେ ଉକ୍ତ ପାଚେରି ଭଙ୍ଗା ଯାଇଥିବା ଜାଣିପାରି ଘର ମାଲିକ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରେ ଜେସିବି ଡ୍ରାଇଭର ଓ ଘର ମାଲିକ ମଧ୍ୟରେ ବଚସା ହୋଇଥିଲା। ଏହି ସମୟରେ ସମ୍ପୃକ୍ତ ମହିଳାଙ୍କ ସମ୍ପର୍କୀୟ ଓ କିଛି ଗୁଣ୍ଡା ଘଟଣାସ୍ଥଳରେ ଉପସ୍ଥିତ ରହି ଘର ମାଲିକଙ୍କୁ ବିଭିନ୍ନ ଧମକ ଚମକ ଦେଇଥିଲେ। ବର୍ତ୍ତମାନ ଉକ୍ତ ଜାଗାରେ ସେମାନେ ଘର ନିର୍ମାଣ କରିବାକୁ ଦେଉନଥିବା ନେଇ ଘରମାଲିକ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଚଳାଇଛି।

## ଯୁବକଙ୍କୁ ମାଡ଼ ମାରି ସୁନା ଚେନ୍ ଲୁଟ

ବ୍ରହ୍ମପୁର,୨୫।୬(ସମିସ): ଟାଉନ ଥାନା ଅଞ୍ଚଳରେ ଜଣେ ଯୁବକକୁ ମାଡ଼ ମାରି ସୁନା ଚେନ ଓ ମୋବାଇଲ ଲୁଟ୍ ହୋଇଥିବା ନେଇ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ, ବାଲିଗୁଡ଼ା ଗ୍ରାମନିବାସୀ ବିଶ୍ୱଜିତ ନାୟକ (୩୪) ନିଜ ସ୍ତ୍ରୀକୁ ନେଇ ମେଡ଼ିକାଲ କାମ ନିମନ୍ତେ ବ୍ରହ୍ମପୁର ଆସିଥିଲେ। ପରେ କୌଣସି କାମରେ ଟାଉନଥାନା ଅଞ୍ଚଳକୁ ଯାଇଥିଲେ। ସେଠାରେ ଏକ ପାନ ଦୋକାନ ନିଖଟରେ ସେ ଥଣ୍ଡାପାଣି ପିଉଥିବା ବେଳେ ଜଣେ ଯୁବକ ଆସି ତାଙ୍କ ନିକଟରେ ବସିଥିଲେ। ପରେ ସେ ପିଉଥିବା ଥଣ୍ଡା ପାଣିରେ ନିଷା ଦ୍ରବ୍ୟ ଦେଇ ତାଙ୍କୁ ମାଡ଼ ମାରିବା ସହ ସେ ଧରିଥିବା ମୋବାଇଲ ଓ ପିନ୍ଧିଥିବା ସୁନା ଚେନ୍ ଝାମ୍ପି ନେଇଥିଲେ। ସେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଦୋକାନ ଭଡ଼ା ଟଙ୍କା ମାଗିବାରୁ ବୃଦ୍ଧଙ୍କୁ ଧମକ

ବ୍ରହ୍ମପୁର,୨୫।୬(ସମିସ): ଦୋକାନ ଭଡ଼ା ମାଗିବାରୁ ଜଣେ ବରିଷ୍ଠ ନାଗରିକଙ୍କୁ ଧମକ ନେଇ ବ୍ରହ୍ମପୁର ଟାଉନ ଥାନାରେ ଏକ ମାମଲା ରୁଜୁ ହୋଇଛି। ସୂଚନାପ୍ରକାରେ, ଆକୁଳା ସାହି ନିବାସୀ ଜି. ଭେଙ୍କେଟ ରମଣା ମୂର୍ତ୍ତିଙ୍କ ସେହି ସାହିରେ ୨ଟି ଦୋକାନ ଘର ରହିଛି। ଯାହାକୁ ସେ ସହରର ୨ଜଣ ବ୍ୟବସାୟୀଙ୍କୁ ମାସିକ ୨୦ହଜାର ଟଙ୍କା ଭଡ଼ାରେ ଦେଇଥିଲେ। ହେଲେ ଦେଢ଼ବର୍ଷ ହେଲା ବ୍ୟବସାୟୀ ୨ଭାଇ ତାଙ୍କୁ ଭଡ଼ା ଦେଉନଥିଲେ। ଭେଙ୍କେଟରମଣା ଅସୁସ୍ଥ ଥିବାରୁ ଭଡ଼ା ମାଗିବାକୁ ଯାଇ ପାରିନଥିଲେ। ସୁସ୍ଥ ହେବା ପରେ କିଛିଦିନ ତଳେ ଭେଙ୍କେଟରମଣା ନିଜ ଦୋକାନକୁ ଯାଇ ୨ଭାଇଙ୍କୁ ଭଡ଼ା ଟଙ୍କା ଦେବାକୁ କହିଥିଲେ। ତେବେ ୨ଭାଇ ଭଡ଼ା ଦେବା ବଦଳରେ ତାଙ୍କୁ ଗାଳିଗୁଲଜ ସହ ଧମକ ଦେଇଥିଲେ। ଏପରିକି ସେହି ଦୋକାନଗୃହର ସମସ୍ତ ସାମଗ୍ରୀ ବିକ୍ରି କରିଦେଇଥିବା ବେଳେ ଦୋକାନକୁ ସେମାନେ ଅନ୍ୟ ଜଣଙ୍କୁ ଲିଜ ସୂତ୍ରରେ ଦେଇଥିବା ଜଣାଇଥିଲେ। ଦୋକାନ ଭଡ଼ା ମାଗିବାକୁ ଆସିଲେ ଜୀବନରେ ମାରିଦେବେ ବୋଲି ଦୁଇଭାଇ ଗୃହମାଲିକଙ୍କୁ ଧମକ ଦେଇଥିଲେ। ଅନ୍ୟଉପାୟ ନପାଇ ଭେଙ୍କେଟରମଣା ଟାଉନ ଥାନାର ଦ୍ୱାରସ୍ଥ ହୋଇଥିବା ଜଣାପଡିଛି।

## ସୁଧ ଟଙ୍କାକୁ କେନ୍ଦ୍ରକରି ହତ୍ୟା ଉଦ୍ୟମ; ଅଭିଯୁକ୍ତକୁ କୋର୍ଟଚାଲାଣ

ଦିଗପହଣ୍ଡି,୨୫।୬(ସମିସ): ଦିଗପହଣ୍ଡି ଥାନା ଗୋକର୍ଣ୍ଣପୁର ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଇ. ମୁନା ଦୋରାଙ୍କ ଘରେ ହୋଇଥିବା ଡିନାମାଇଟ ବିସ୍ଫୋରଣ ଘଟଣାରେ ପୁଲିସ ଅଭିଯୁକ୍ତଙ୍କୁ ବୁଧବାର ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଗ୍ରାମର ଏସ୍. କୁନା ଦୋରା (୨୮)। ସୋମବାର ରାତିରେ ମୁନାଙ୍କ ପରିବାର ଲୋକେ ଖାଇସାରି ଶୋଇଥିବାବେଳେ ରାତି ପାୟ ୧ଟାରେ ଘର ଭିତରେ ଏକ ପ୍ରଚଣ୍ଡ ଶବ୍ଦ ହୋଇଥିଲା। ମୁନାଙ୍କ ପରିବାର ଲୋକେ ନିଦରୁ ଉଠି ଘରୁ ବାହାରକୁ ଦୌଡି ଆସିଥିଲେ। ଏହି ସମୟରେ ଘରକୁ ଲାଗିଥିବା ବାହାର କାନ୍ଥରେ ଏକ ବିସ୍ଫୋରକ ପୋଡ଼ା ଡିଟୋନେଟର ଓହଳି ରହିଥିଲା। ପ୍ରାୟ ୨୦ ବର୍ଷ ପୂର୍ବେ ଅଭିଯୋଗକାରୀ ମୁନା ସମ୍ପର୍କୀୟ ଭାଇ କୁନାଙ୍କ ଠାରୁ ୩ ଲକ୍ଷ ଟଙ୍କା ଧାର ଆଣିବା ସହ ପରବର୍ତ୍ତୀ ସମୟରେ ସମସ୍ତ ଟଙ୍କା ପରିଶୋଧ କରିଥିଲା। କିନ୍ତୁ ଏହି ବାବଦରେ କୌଣସି ସୁଧ ପରିଶୋଧ ନ କରିବାରୁ ଉଭୟଙ୍କ ମଧ୍ୟରେ ଶତ୍ରୁତା ଲାଗି ରହିଥିଲା। ଏପରିକି ଘଟଣା ଘଟିବାର ପୂର୍ବଦିନ ସେମାନଙ୍କ ସହ ପାଟିତୁଣ୍ଡ ହେବା ସହ ଅଭିଯୁକ୍ତ କୁନା ତାଙ୍କ ପରିବାରକୁ ଜୀବନରେ ମାରି ଦେବାକୁ ଧମକ ଦେଇଥିବା ଏତଲାରେ ଉଲ୍ଲେଖ ରହିଛି। ମଙ୍ଗଳବାର ଦିନ ମୁନା ଥାନାରେ ଏତଲା ଦେଇଥିଲେ। ପୁଲିସ ମାମଲା ରୁଜୁକରି ବୁଧବାର ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ଖାରଜ ହେବାରୁ ଅଭିଯୁକ୍ତକୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଭାରପ୍ରାପ୍ତ ଥାନା ଅଧିକାରୀ ତଥା ଡିଏସପି ପ୍ରଶାନ୍ତ କୁମାର ପାତ୍ର ସୂଚନା ଦେଇଛନ୍ତି।

### ଦିନକ ପରେ ରଥଯାତ୍ରା, ଶେଷ ପର୍ଯ୍ୟାୟରେ ରଥ ନିର୍ମାଣ

# ଆଜି ଚତୁର୍ଦ୍ଧାମୂର୍ତ୍ତିଙ୍କ ନବଯୌବନ ଦର୍ଶନ

ବ୍ରହ୍ମପୁର,୨୫।୬(ସମିସ)



**ସହରର ୧୬ରୁ ଊର୍ଦ୍ଧ୍ୱ ସ୍ଥାନରେ ଗଡ଼ିବ ରଥ**

ସ୍ନାନ ପୂର୍ଣ୍ଣିମା ପରେ ଜ୍ୱରରେ ପିଡ଼ିତ ଚତ୍ତୁର୍ଦ୍ଧାମୂର୍ତ୍ତି ବର୍ତ୍ତମାନ ସୁସ୍ଥ ହୋଇଛନ୍ତି। ବୁଧବାର ଚତ୍ତୁର୍ଦ୍ଧାମୂର୍ତ୍ତିଙ୍କ ବର୍ଣ୍ଣକ ଲାଗି ନୀତି ସମ୍ପନ୍ନ ହୋଇଛି। ଗୁରୁବାର ଅଣସର ପିଣ୍ଡିରୁ ବାହାରି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ। ଚତୁର୍ଦ୍ଧାମୂର୍ତ୍ତିଙ୍କ ନବଯୌବନ ଦର୍ଶନ ଓ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଅନୁଷ୍ଠିତ ହେବ। ଏହିକ୍ରମରେ ଗୁରୁବାର ଜଗନ୍ନାଥ ମନ୍ଦିରରେ ବୋଡ଼ି ଭୋରୁ ପଟି ଦିଅଁଙ୍କଠାରେ ମଙ୍ଗଳ ଆଳତୀ ହେବା ପରେ ନୀତିକାନ୍ତିରେ ପୂଜାର୍ଚ୍ଚନା ଗୁପ୍ତ ପୂଜାର୍ଚ୍ଚନା ହୋଇଛି। ଏପଟେ ନବଯୌବନ ଦର୍ଶନ ଲାଗି ବ୍ରହ୍ମପୁର ସହରର ପ୍ରମୁଖ ଗୋଷାଣୀନୂଆଗାଁ ଉତ୍ତରଶ୍ୱେର ମନ୍ଦିର ପରିସରରେ ଥିବା ଜଗନ୍ନାଥ ମନ୍ଦିର, ବିଜିପୁର ଜଗନ୍ନାଥ ମନ୍ଦିର, କୋର୍ଟପେଟା ସ୍ଥିତ ଜଗନ୍ନାଥ ମନ୍ଦିର, ଉକ୍ରଳଆଶ୍ରମ ରୋଡ ସ୍ଥିତ ଜଗନ୍ନାଥ ମନ୍ଦିର, ଗୋଇଲୁଣ୍ଡି ସ୍ଥିତ ଜଗନ୍ନାଥ ମନ୍ଦିର, ପାତେଳେଶ୍ୱର ଜଗନ୍ନାଥ ମନ୍ଦିର, ବଡବଜାର ବଡଜଗନ୍ନାଥ ମନ୍ଦିର ଓ ସାନ ଜଗନ୍ନାଥ ମନ୍ଦିର, ତ୍ରିମୂର୍ତ୍ତି ଜଗନ୍ନାଥ ମନ୍ଦିର ସମେତ ଲାଞ୍ଜିପଲ୍ଲୀ ଓ ଖୋଡ଼ାସିଂ ଜଗନ୍ନାଥ ମନ୍ଦିରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଶୁକ୍ରବାର ସହରର ପ୍ରାୟ ୧୬ରୁ ଅଧିକ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଅନୁଷ୍ଠିତ ହେବ। ଏଥି ନିମନ୍ତେ ରଥ, ପଥ ଓ ଜଗନ୍ନାଥ ସମସ୍ତେ ପ୍ରସ୍ତୁତ ଜାରି ରହିଛି। ରଥ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ରହିଛି। ସେହିପରି ଚର୍ତ୍ତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ ନିମନ୍ତେ ଶ୍ରଦ୍ଧାଳୁ ଅପେକ୍ଷାରେ ରହିଛନ୍ତି। ଏନେଇ ବିଭିନ୍ନ ମନ୍ଦିର କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହାତକୁ ନିଆଯାଇଛି। ଶ୍ରଦ୍ଧାଳୁମାନେ କିଭଳି ଶାନ୍ତି ଶୃଙ୍ଖଳାର ସହ ଦର୍ଶନ କରିବେ ଓ ରଥ ଟାଣିବେ ସେଥିପ୍ରତି ବିଶେଷ ଗୁରୁତ୍ୱ ଦିଆଯାଇଛି। ଶୁକ୍ରବାର ପୂର୍ବାହ୍ନରେ ପହଣ୍ଡି ଆୟୋଜିତ ହେବ। ଚର୍ତ୍ତୁର୍ଦ୍ଧାମୂର୍ତ୍ତି ରଥାରୂଢ ହେବା ପରେ ସନ୍ଧ୍ୟାରେ ରଥଟଣା ହେବ ବୋଲି ସୂଚନା ମିଳିଛି। ଗୋଷାଣୀନୂଆଗାଁ ଉତ୍ତରେଶ୍ୱର ମନ୍ଦିର ପରିସରସ୍ଥ ଜଗନ୍ନାଥ ମନ୍ଦିରରେ ମାତା ଶୁଭଦ୍ରାଙ୍କ ରଥ ମହିଳାମାନେ ଟାଣିବା ନେଇ ନିଷ୍ପତି ହୋଇଛି। ବିଗତ ୨୪ବର୍ଷ ହେବ ଏଭଳି ରୀତି ଜାରି ରହିଥିବା ମନ୍ଦିର ପରିଚାଳନା କମିଟି ପକ୍ଷରୁ କୁହାଯାଇଛି। ସେହିପରି ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲର ଛାତ୍ର ସଂଘ ପକ୍ଷରୁ ମଧ୍ୟ ରଥଯାତ୍ରା ପାଳିତ ହେବ। ଏଥି ନିମନ୍ତେ ପୁରୁଷ ଛାତ୍ରବାସ-୧ ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ ରଥଯାତ୍ରାକୁ ନେଇ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ରଥଯାତ୍ରା ପରିପ୍ରେକ୍ଷୀରେ ବ୍ରହ୍ମପୁର ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହାତକୁ ନିଆଯାଇଛି।

### ବିଏମସିର ପରିମଳ, ଖାଦ୍ୟ ସୁରକ୍ଷା ଓ ଓଜନ ମାପ ବିଭାଗର ମିଳିତ ଚଢ଼ଉ

# ଦିନକରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଜରିମାନା ଆଦାୟ



**ବିପୁଳ ପରିମାଣର ନିଷିଦ୍ଧ ପ୍ଲାଷ୍ଟିକ, ୧୯ଟି ଗ୍ୟାସ ସିଲିଣ୍ଡର ଜବତ**

ବ୍ରହ୍ମପୁର,୨୫।୬(ସମିସ): ବିଏମସି କମିଶନର ଓ ମେୟରଙ୍କ ନିର୍ଦ୍ଦେଶ କ୍ରମେ ସାନିଟେସନ ଉପାୟୁକ୍ତ କଲ୍ୟାଣୀ ସଂଘମିତ୍ରା ଦେବୀଙ୍କ ନେତୃତ୍ୱରେ ଗତ କିଛି ଦିନ ଧରି ସହର ତମାମ ବିଭିନ୍ନ ସ୍ଥାନରେ ଚଢଉ ଜାରି ରହିଛି। ଚଢଉରେ ପରିମଳ, ମାପ ଓ ଓଜନ ଏବଂ ଖାଦ୍ୟସୁରକ୍ଷା ଅଧିକାରୀଙ୍କ ସହିତ ପୁଲିସର ସହାୟତା ନିଆଯାଇଛି। ଏହି କ୍ରମରେ ଗତ ୨୪ଘଣ୍ଟାରେ ଅର୍ଥାତ୍ ଦିନକରେ ୩ଲକ୍ଷରୁ ଉଦ୍ଧର୍ ଟଙ୍କା ଖିଲାପିଙ୍କ ଠାରୁ ଜରିମାନା ଆଦାୟ କରାଯାଇପାରିଛି। ମିଳିଥିବା ସୂଚନା ପ୍ରକାରେ ଷ୍ଟେସନରୋଡ, ଗେଟବଜାର, ଏସଏନଟି ରୋଡ, ଗିରିଜା ଛକ, କର୍ପୋରେସନ ରୋଡ, ଗିରି ମାର୍କେଟ, ରାମଲିଙ୍ଗମ ରୋଡ ଆଦି ଅଞ୍ଚଳରେ ପ୍ରାୟ ୨୦ରୁ ଉଦ୍ଧର୍ ବ୍ୟବସାୟୀକ ପ୍ରତିଷ୍ଠାନ ଉପରେ ଚଢଉ କରାଯାଇ ପରିମଳ ବ୍ୟବସ୍ଥା ଓ ଖାଦ୍ୟ ସୁରକ୍ଷା ଏପରିକି ମାପ ଓ ଓଜନ ପକ୍ଷରୁ ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ତ୍ରୁଟି ପରିଲକ୍ଷିତ ହୋଇଥିବା ସଂସ୍ଥାଗୁଡିକୁ କାରଣ ଦଶାଅ ନୋଟିସ ଜାରି କରାଯିବା ସହ ଜରିମାନା ଆଦାୟ କରାଯାଇଛି। ଚଢଉ ବେଳେ ବିପୁଳ ପରିମାଣର ନିଷିଦ୍ଧ ହୋଇଥିବା ତଥା ଏକକ ବ୍ୟବହାର ପ୍ଲାଷ୍ଟିକ ସହିତ ୧୯ଟି ଗ୍ୟାସ ସିଲିଣ୍ଡରକୁ ଜବତ କରାଯାଇଛି। ଗିରିଜା ରେଷ୍ଟୁରାଣ୍ଟ ଠାରୁ ୩୧ହଜାର, ମାନା ଟ୍ରଷ୍ଟ ଠାରୁ ୨୦ହଜାର, ହୋଟେଲ ଶ୍ରୀଗଂଜନ ଠାରୁ ୧୦ହଜାର, ପୁଷ୍ପା ହୋଟେଲ ଠାରୁ ୧୫ହଜାର, ହୋଟେଲ ଦୁର୍ଗା ଠାରୁ ୧୫ହଜାର, ହୋଟେଲ ରେଟ୍ରୋ କିଚେନ ଠାରୁ ୫ହଜାର, ଦୁଇଟି ମଦ ଦୋକନରୁ ୩୦ହଜାର ଲେଖାଏଁ ୬୦ହଜାର ଟଙ୍କା ଜରିମାନା ଅର୍ଥ ମୋଟ ୧ଲକ୍ଷ ୭୧ହଜାର ୪ଶହ ଟଙ୍କା କେବଳ ପରିମଳ ବାବଦରେ ସଂଗ୍ରହ କରାଯାଇଛି। ସେହିଭଳି ଖାଦ୍ୟ ସୁରକ୍ଷା ଟିମ ପକ୍ଷରୁ ଖାଦ୍ୟର ମାନ ସଠିକ ନଥିବା ଦର୍ଶାଇ ବିଭିନ୍ନ ବ୍ୟବସାୟୀକ ସଂସ୍ଥାରୁ ମୋଟ ୧ଲକ୍ଷ ୧୧ହଜାର ୪ଶହ ଟଙ୍କା ଏବଂ ମାପ ଓ ଓଜନ ବିଭାଗ ଦ୍ୱାରା ୨୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଜଣାପଡିଛି। ବ୍ରହ୍ମପୁର ରେଳ ଷ୍ଟେସନ ନିକଟରେ ଥିବା ମାନା ଟ୍ରଷ୍ଟ ଯାହା ସହରର ତଥା ସହର ବାହାରେ ପ୍ରାୟ ୩ଶହ ବିଦ୍ୟାଳୟକୁ ମଧ୍ୟାହ୍ନ ଭୋଜନ ସହିତ ସହରର ୬ଟି ଆହାର କେନ୍ଦ୍ରକୁ ରନ୍ଧା ଖାଦ୍ୟ ଯୋଗାଣ କରୁଛି ସେଠାରେ ପରିମଳ ବ୍ୟବସ୍ଥା ଠିକ ନଥିବା ଓ ଅବର୍ଜନା ଜଳକୁ ଅନ୍ୟତ୍ର ଛାଡି ଦେଉଥିବା ଅଭିଯୋଗରେ ୨୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ଜଣାପଡିଛି। ଆଗକୁ ଏଭଳି ମିଳିତ ଚଢଉଛ ଜାରି ରହିବ ଏବଂ ସମସ୍ତଙ୍କୁ ସତର୍କ ଓ ସଜାଗ ରହିବାକୁ ବିଏମସି ପକ୍ଷରୁ ପରାମର୍ଶ ଦିଆଯାଇଛି। ଆଗକୁ ବର୍ଷା ଦିନ ଓ ରାଜ୍ୟରେ ବିଭିନ୍ନ ଜିଲ୍ଲାରେ ଡାଇରିଆ ଓ ଡେଙ୍ଗୁ ଭଳି ରୋଗ ବ୍ୟାପୁଥିବାରୁ ବିଏମସି ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଉଥିବା କହିଛନ୍ତି ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା।

### ଜବରଦଖଲ ଉଚ୍ଛେଦରେ ପାତରଅନ୍ତର

# ଜିଲ୍ଲାପାଳଙ୍କୁ ସ୍ମାରକପତ୍ର

ଦିଗପହଣ୍ଡି,୨୫।୬(ସମିସ): ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଭ୍ରମରପୁର ଗ୍ରାମରେ ମଙ୍ଗଳବାର ପ୍ରଶାସନ ପକ୍ଷରୁ ହୋଇଥିବା ଜବରଦଖଲ ଉଚ୍ଛେଦରେ ପାତରଅନ୍ତର କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ଗ୍ରାମର କିଛି ଲୋକ ବୁଧବାର ବ୍ରହ୍ମପୁର ଉପଜିଲ୍ଲାପାଳ କାର୍ଯ୍ୟାଳୟରେ ପହଞ୍ଚି ଗଞ୍ଜାମ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଗ୍ରାମରେ ଦୀର୍ଘବର୍ଷ ଧରି ବଡ଼ଦାଣ୍ଡ ଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ରାସ୍ତାରେ ବହୁ ପରିବାର ରାସ୍ତା ଉପରେ ଜବରଦଖଲ କରି ବାସଗୃହ ଏବଂ ଦୋକାନ ଖୋଲି ବସିଥିଲେ। ଏନେଇ ବହୁବାର ଅଭିଯୋଗ ପରେ ଗତକାଲି ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ସ୍ଥାନୀୟ ତହସିଲଦାର ସନ୍ତୋଷ କୁମାର ସାହୁଙ୍କ ନେତୃତ୍ୱରେ ତହସିଲ ପ୍ରଶାସନ ଏବଂ ପୁଲିସ ଉପସ୍ଥିତିରେ ରାସ୍ତାର ଉଭୟ ପାଶ୍ୱର୍ରୁ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ତେବେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପାଇଥିବା ଗରିବ ହିତାଧିକାରୀଙ୍କ ଘରକୁ ଭାଙ୍ଗି ଦିଆଯାଇଥିଲେ ମଧ୍ୟ ସେଠାରେ ରହିଥିବା କିଛି ଧନୀ ଓ ରାଜନେତାଙ୍କ ଘରକୁ ଭଙ୍ଗା ନହୋଇ ଛାଡ଼ି ଦିଆଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପରିକି ସ୍ଥାନୀୟ ରାଜସ୍ୱ ନୀରିକ୍ଷକ ସୁନିଲ ବେହେରା ଚଞ୍ଚକତା କରି ବଡ଼ବଡିଆ ଲୋକଙ୍କ ଠାରୁ ଲାଞ୍ଚ ନେଇ ଏଭଳି କାମ କରିଛନ୍ତି ବୋଲି ଗ୍ରାମବାସୀ ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି। ଯାହାକୁ ନେଇ ଗ୍ରାମର କିଛିଲୋକ ଏହାକୁ ନିନ୍ଦା କରି ଦାବି ପ୍ରଦାନ କରିବା ସହ ଅନ୍ୟ ରାଜସ୍ୱ ନୀରିକ୍ଷକଙ୍କୁ ନିଯୁକ୍ତି ଦିଆଯାଇ ଘଟଣାର ତଦନ୍ତ କରିବାକୁ ଦାବି କରିଛନ୍ତି। ନଚେତ ଆସନ୍ତା ରଥଯାତ୍ରା ସମୟରେ ଗ୍ରାମରେ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡିବାର ସମ୍ଭାବନା ରହିବ ବୋଲି ଚେତାବନୀ ଦେଇଛନ୍ତି।

### ଧରାକୋଟ କଙ୍ଗାରୁକୋର୍ଟ ଘଟଣା

# ପୀଡ଼ିତ ପରିବାରଙ୍କୁ ଭେଟିଲା କଂଗ୍ରେସ ପ୍ରତିନିଧି ଦଳ

**ଧରାକୋଟ ଥାନାରେ ପୁଣି ଦୁଇ ଅଟକ**

ଧରାକୋଟ,୨୫।୬(ସମିସ): ଧରାକୋଟ ଥାନା ଅନ୍ତର୍ଗତ ଜାହାଡ଼ା ଗ୍ରାମରେ କିଛି ବ୍ୟକ୍ତି ସିଙ୍ଗିପୁର ଗ୍ରାମର ବାବୁଲା ନାଇକ ଓ ବୁଲୁ ନାଇକଙ୍କୁ ଗୋଚାଲାଣ ଅଭିଯୋଗରେ ଅଧା ଲଣ୍ଡା କରି ଆଣ୍ଠେଇ ଆଣ୍ଠେଇ ଚଲାଇବା ସହ ନାଳ ପାଣି ପିଆଇଥିଲେ। ଏହାକୁ ନିନ୍ଦା କରିଛି ଓଡ଼ିଶା ପ୍ରଦେଶ କଂଗ୍ରେସ। ମଙ୍ଗଳବାର କଂଗ୍ରେସର ଏକ ପ୍ରତିନିଧି ଦଳ ପୀଡ଼ିତଙ୍କୁ ଭେଟି ଘଟଣାସ୍ଥଳ ପରିଦର୍ଶନ କରି ପୁଲିସର ଦୃଷ୍ଟି ଆକର୍ଷଣ କରିଥିବା ବେଳେ ବୁଧବାର ଦିନ ରାଜ୍ୟ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ କଂଗ୍ରେସର ବରିଷ୍ଠ ନେତା ରାମଚନ୍ଦ୍ର କାଡାମ୍‌ଙ୍କ ନେତୃତ୍ୱରେ ଡଃ ଲାଲ ଟେଢ଼ୁ ମହାପାତ୍ର (ରାଜ୍ୟ ଉପ ସଭାପତି), ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା, ରାଜ୍ୟ ସଂପାଦକ ସୁବର୍ଣ୍ଣ ନାୟକ, ସଂପାଦକ ତୁଳେଶ୍ୱର ନାୟକ ପ୍ରମୁଖ ପୀଡ଼ିତ ପରିବାରଙ୍କୁ ଭେଟି ସମସ୍ତ ବିଷୟ ବୁଝିବା ସହିତ ଘଟଣାର ଦୃଢ଼ ନିନ୍ଦା କରିଥିଲେ। ଏଥିସହ ଅଭିଯୁକ୍ତଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଧରାକୋଟ ଥାନା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।



ସାନଖେମୁଣ୍ଡି ବିଧାୟକ ଶ୍ରୀ ଜେନା ପୀଡିତଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଅପରପକ୍ଷେ ଏହି ଘଟଣାରେ ମଙ୍ଗଳବାର ୯ ଜଣ ଗିରଫ ହୋଇଥିବା ବେଳେ ବୁଧବାର ପୁଣି ଦୁଇ ଜଣଙ୍କୁ ଅଟକ ରଖି ପୁଲିସ ତଦନ୍ତ ଜାରି ରଖିଛି। ଏଥିରେ ସମ୍ପୃକ୍ତ ଥିବା ସମସ୍ତ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଆସିକା ଉପଖଣ୍ଡ ଅଧିକାରୀ ସନ୍ତୋଷ ଜେନା କହିଛନ୍ତି। ସିଙ୍ଗିପୁର ପୂର୍ବତନ ସରପଞ୍ଚ ତଥା ବର୍ତ୍ତମାନର ସମିତି ସଭ୍ୟ ପ୍ରଫୁଲ୍ଲ ଦାସ ଦାବି ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ଦ୍ୱାଇ ପୀଡିତଙ୍କୁ ଉଚିତ୍ ନ୍ୟାୟ ଦେବାକୁ ଦାବି କରିଛନ୍ତି।

# ଦୁଷ୍କର୍ମ ଓ ଗଣଦୁଷ୍କର୍ମକୁ ନେଇ ପଡୁଛିଉଠୁଛି ଗୋପାଳପୁର ଓ ବ୍ରହ୍ମପୁର

ବ୍ରହ୍ମପୁର,୨୫।୬(ସମିସ)

- ନିୟମିତ ବ୍ୟବଧାନରେ ଘଟିଚାଲିଛି ଗୋଟିଏ ପରେ ଗୋଟିଏ ଘଟଣା
- ବୈଦ୍ୟନାଥପୁର ଥାନା ଅଧିକାରୀଙ୍କ ନାମରେ ଆସିଲା ସାଙ୍ଘାତିକ ଅଭିଯୋଗ

ଗତ ଦୁଇ ସପ୍ତାହରେ ବ୍ରହ୍ମପୁର ପୁଲିସ ଜିଲ୍ଲାରେ ଦୁଇ ନାବାଳିକାଙ୍କ ସମେତ ୩ଜଣଙ୍କୁ ଗଣଦୁଷ୍କର୍ମ ଓ ଜଣକୁ ଦୁଷ୍କର୍ମ ହୋଇଛି। ସମସ୍ତ ଘଟଣାରେ ପୁଲିସ ଦୁଷ୍କର୍ମକାରୀ ଓ ସହଯୋଗୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ତେବେ ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ସାଧାରଣରେ ଚିନ୍ତା ପ୍ରକଟ କରାଯାଇଛି। ନିକଟରେ ବ୍ରହ୍ମପୁରରେ ଜଣେ ବିଜେପି ନେତା ଭବାନୀ ଶଙ୍କର ଦାସ ଏକ ଆପାର୍ଟମେଣ୍ଟରେ ଜଣେ ନାବାଳିକାଙ୍କୁ ନିଶା ଦେଇ ଦୁଷ୍କର୍ମ କରିଥିବା ନେଇ ଅଭିଯୋଗ ଆସିଥିବା ବେଳେ ଗତ ୧୫ତାରିଖରେ ଗୋପାଳପୁର ବେଳାଭୂମିରେ ଜଣେ ଛାତ୍ରୀଙ୍କୁ ହୋଇଥିବା ଗଣଦୁଷ୍କର୍ମ ଘଟଣା ସମଗ୍ର ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ସୋସିଆଲ ମିଡ଼ିଆ ହେଉ ଅବା ଟିଭି ସବୁଠି ବ୍ରହ୍ମପୁର ପୁଲିସ ଜିଲ୍ଲାର ଆଇନଶୃଙ୍ଖଳା ସମ୍ପର୍କିତ ଖବର। ଗତ ୩ତାରିଖ ରାତିରେ ଗୋଳନ୍ଥରା ଥାନା ଅଞ୍ଚଳର ମାର୍କଣ୍ଡି ଗାଁରେ ଏକ ଶୁଭକାର୍ଯ୍ୟରେ ଯୋଗଦେବାକୁ ଥିବା ଦୁଇ ନବାଳିକା ତଥା ସମ୍ପର୍କୀୟ ଭଉଣୀଙ୍କୁ ସ୍ଥାନୀୟ ୪ଜଣ ଯୁବକ ଉଠାଇ ନେଇ ବିଭିନ୍ନ ସ୍ଥାନରେ ଗଣଦୁଷ୍କର୍ମ କରିଥିଲେ। ସେହିପରି ଗୋପାଳପୁର ବେଳାଭୂମିରେ ଗତ ୧୫ତାରିଖରେ ହୋଇଥିବା ଗଣଦୁଷ୍କର୍ମ ଘଟଣାରେ ୪ଯୁବକଙ୍କ ସମ୍ପୃକ୍ତି ଥିବା ବେଳେ ଅନ୍ୟ ୬ଜଣ ସହଯୋଗ କରିଥିବା ଜଣାପଡିଛି। ସମସ୍ତ ଘଟଣାରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ବ୍ରହ୍ମପୁରରେ ବିଜେପି ନେତା ଭବାନୀ ଶଙ୍କର ଦାସଙ୍କ ବିରୁଦ୍ଧରେ ହୋଇଥିବା ଦୁଷ୍କର୍ମ ମାମଲାରେ ନାବାଳିକାଙ୍କ ପରିବାର ସଦସ୍ୟ ଥାନାରେ ଅଭିଯୋଗ କରିଥିଲେ। ତେବେ ଅଭିଯୋଗକୁ ଗ୍ରହଣ କରିବା ପରିବର୍ତ୍ତେ ଘଟଣାକୁ ଚପାଇ ଦେବାକୁ ବୈଦ୍ୟନାଥପୁର ଥାନା ଅଧିକାରୀ ଚେଷ୍ଟା କରିଥିବା ଅଭିଯୋଗ ହୋଇଛି। ତେବେ ପିଡିତାଙ୍କ ପରିବାର ସଦସ୍ୟ ମାମଲା ଦାୟର କରିବା ଜିଦରେ ଅଟଳ ରହିବା ସହିତ ମାମଲା ରୁଜୁ ନହେଲେ ଘଟଣାକୁ ପ୍ରଘଟ କରିବେ ବୋଲି କୁଆଡେ ଧମକ ଦେଇଥିଲେ। ଫଳରେ ପୁଲିସ ବାଧ ହୋଇ ମାମଲା ରୁଜୁ କରି ଅଭିଯୁକ୍ତ ଭବାନୀ ଶଙ୍କର ଦାସକୁ ଗିରଫ କରିଥିଲା ବୋଲି ଭୁବନେଶ୍ୱର ସ୍ଥିତ 'ଶଙ୍ଖ ଭବନ' ଠାରେ ବୁଧବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡ଼ି ପକ୍ଷରୁ ଅଭିଯୋଗ ହୋଇଛି। ପୀଡ଼ିତାଙ୍କୁ ଉପଯୁକ୍ତ ନ୍ୟାୟ ଦେବା ସହିତ, ଏ ଦିଗରେ ଅନୁସନ୍ଧାନ ପାଇଁ ବିଜୁ ଜନତା ଦଳ ଏହି ମାମଲାର ତଦନ୍ତ ସିବିଆଇ ଦ୍ୱାରା କରିବାକୁ ଦାବି କରାଯାଇଛି। ବିଜେପି କ୍ଷମତାକୁ ଆସିବା ପରେ ରାଜ୍ୟକୁ ଶନି ଓ ରାହୁ ଗ୍ରାସିଛନ୍ତି। ମହିଳାଙ୍କୁ ସୁରକ୍ଷା ଦେବା ପାଇଁ ତୁରନ୍ତ ଉପଯୁକ୍ତ ପଦକ୍ଷେପ ନିଆନଗଲେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇଛି। ପ୍ରକାଶ ଥାଉ କି ଗତବର୍ଷ ମେ ୩ତାରିଖରେ ଜଣେ ଯୁକ୍ତ ୨ ଶ୍ରେଣୀ ଛାତ୍ରୀଙ୍କୁ ବୈଦ୍ୟନାଥପୁର ଥାନା ଅଞ୍ଚଳର ଏକ ବ୍ୟାଚଲର ରୁମରେ ଗଣଦୁଷ୍କର୍ମ କରାଯାଇଥିଲା। ଏହି ମାମଲାରେ ୬ଜଣ ଅଭିଯୁକ୍ତ ଗିରଫ ହୋଇଥିଲେ। ସେମାନେ ବର୍ତ୍ତମାନ ବ୍ରହ୍ମପୁର ଜେଲରେ ରହିଛନ୍ତି।



ଦଳିତମାନଙ୍କ ଉପରେ ହେଉଥିବା ଅନ୍ୟାୟ ଓ ଅତ୍ୟାଚାର ବିରୋଧରେ ଗଞ୍ଜାମ ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ଶାନ୍ତିପୂର୍ଣ୍ଣ ପ୍ରତିବାଦ

## ବ୍ୟାଙ୍କ ସମ୍ମୁଖରୁ ବାଇକ ଚୋରି

ଖଲ୍ଲିକୋଟ,୨୫।୬(ସମିସ): ଖଲ୍ଲିକୋଟ ଷ୍ଟେଟ ବ୍ୟାଙ୍କ ସମ୍ମୁଖରୁ ଆଜି ମଧ୍ୟାହ୍ନ ରେ ଗୋଟିଏ ବାଇକ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ବଧିନୁଆଁପଲ୍ଲୀ ପଞ୍ଚାୟତର ବରପଦର ଗ୍ରାମର ଟୁନା ସେଠି ଗୋଲଡ଼ ଲୋନ ନେବାକୁ ନିଜ ମା'ଙ୍କ ସହ ଖଲ୍ଲିକୋଟ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ କାର୍ଯ୍ୟାଳୟକୁ ଆଜି ମଧ୍ୟାହ୍ନରେ ବାଇକ ଯୋଗେ ଆସିଥିଲେ। ବାଇକକୁ ବ୍ୟାଙ୍କ ସମ୍ମୁଖରେ ରଖି ଭିତରକୁ ଯାଇଥିଲେ। ଲୋନ କାମ ସରିଲା ବେଳକୁ ପ୍ରବଳ ବର୍ଷା ହୋଇଥିଲା। ଫଳରେ ବ୍ୟାଙ୍କ ଭିତରେ ଆଉ କିଛି ସମୟ ରହି ଯାଇଥିଲେ ଟୁନା। ତେବେ ବର୍ଷା କମିବା ପରେ ବାହାରକୁ ଆସି ବାଇକଟି ଚୋରି ହୋଇଥିବା ଦେଖିଥିଲେ। ଏନେଇ ଟୁନା ବ୍ୟାଙ୍କ ମ୍ୟାନେଜରଙ୍କୁ ଜଣାଇବା ସହ ଖଲ୍ଲିକୋଟ ଥାନାରେ ଅଭିଯୋଗ କରିଛନ୍ତି।

